ମୁକ୍ତିର ବାଟ



ଖୁସିରେ ପଢ଼ିବା ଅଭିଯାନ

ଭାରତ ଜ୍ଞାନ ବିଜ୍ଞାନ ସମିତି

Digitized by srujanika@gmail.com

ମୁକ୍ତିର ବାଟ

ଲେଖକ ଡି. ରଘୁନନ୍ଦନ୍

ଅନୁବାଦ ବିନୟକୃଷ୍ଣ ପଟ୍ଟନାୟକ

ପ୍ରକାଶକ ସି-୨ ହାଉସିଂ ବୋର୍ଡ୍ କଲୋନୀ,
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩
ଫୋନ୍- (୦୬୭୪) ୪୭୦୮୯୧

ଅଙ୍ଗସଜ୍ଜା କୋଣାର୍କ ଡାଟା ପ୍ରୋସେସିଂ, ଭୁବନେଶ୍ୱର

ମୁଦ୍ରଣ ପଦ୍ମା କମର୍ସିଆଲ, ଭୁବନେଶ୍ୱର

ମୂଲ୍ୟ ତିନି ଟଙ୍କା

ପ୍ରକାଶ କାଳ : ଜାନୁଆରୀ ପହିଲା - ୧୯୯୭

ଏହି ପୁସ୍ତିକାଟି 'ଖୁସିରେ ପଢ଼ିବା ଅଭିଯାନ' (Jan Vachan Andolan) ପାଇଁ ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ଗାଁ ଗହଳିର ଲୋକଙ୍କର ପଠନ ରୁଚିକୁ ଡେଙ୍ଗିବା ସାଙ୍ଗକୁ ଏକ ପାଠାଗାର ଆନ୍ଦୋଳନ ଚଳାଇବାପାଇଁ ସମିତି ତରଫରୁ ଏହା ଏକ ଦେଶବ୍ୟାପୀ ଉଦ୍ୟମ ।

● **For Redeeming Our indebted future** ● Writer: D.Raghunandan ● Translator: Binaya Krushna Pattanayak ● Published by **Bharat Gyan Vigyan Samiti**, Orissa for **Jan Vachan Andolan** ● Price: Rs. 3.00 ● Publication period: Ist January 1997

Digitized by srujanika@gmail.com

ଏବେ ଆମ ଦେଶର ଆର୍ଥିକ ଅବସ୍ଥା ବହୁତ ଖରାପ । ଏ ବିଷୟରେ ସମସ୍ତେ ଆଜି ଏକମତ । ଅବଶ୍ୟ ଗୋଟିଏ ବିଷୟରେ ସମସ୍ତେ ଏକମତ ହେବାଟା ଏକ ବିରଳ ଘଟଣା ! ସମସ୍ତେ ଅନୁଭବ କଲେଣି, ଆମେ ଏ ଯାଏଁ ଯେଉଁ ରାସ୍ତାରେ ଚାଲିଛେ, ସେପରି ଚାଲିବା ଆଉ ସମ୍ଭବପର ନୁହେଁ । ଆମକୁ ନିଶ୍ଚୟ ରାସ୍ତା ବଦଳାଇବାକୁ ହେବ । କିନ୍ତୁ ଆମେ ଆଉ କେଉଁ ରାସ୍ତାରେ ଯିବା ?

ଆମ ଆର୍ଥିକ ପରିସ୍ଥିତିକୁ ସୁଧାରିବା ନାଁରେ ଆଜି ଅନେକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ ଚାଲିଛି । କିନ୍ତୁ ମନେ ହେଉଛି, ଏହି ବଦଳ ନାଁରେ ଆମକୁ ବେଳକୁ ବେଳ ଅଧିକ ପଙ୍ଗୁ କରି ଦିଆଯାଉଛି । ଯେଉଁ ଲୋକ ଆମକୁ ଏପରି ପଙ୍ଗୁ କରିଦେଉଛନ୍ତି, ସେହିମାନେ ହିଁ ଆମ ଦେଶକୁ ଏପରି ଏକ ଅଚଳ ପରିସ୍ଥିତିକୁ ଟାଣି ନେଉଛନ୍ତି । ସତରେ କ'ଣ ଘଟୁଛି ତାହା ଆମେ ଜାଣି ପାରୁନାହାନ୍ତି । ଆମ ଅଜାଣତରେ କେତେ ଚୁକ୍ତି ସ୍ୱାକ୍ଷର ଚାଲିଛି । ଆଉ ଆମକୁ ମତେଇ ଦିଆଯାଉଛି, ଏପରି କରିବା ଛଡ଼ା ଆମପାଇଁ ଆଉ ଦ୍ୱିତୀୟ ଚାରା ନାହିଁ । ଏହାହିଁ ସବୁଠୁ ଉତ୍କୃଷ୍ଟ ପନ୍ଥା । କିନ୍ତୁ ଆମେ ଏହାକୁ କିପରି ମାନିଯିବା ?

ଏହି ଲେଖାଟି ମାଧ୍ୟମରେ ଆମେ ଆମର ଏହି ବିଷମ ସଙ୍କଟକୁ ବୁଝାଉଛୁ । ଏହାର ଏକ ବିକଳ୍ପ ସମୀକ୍ଷା କରି ଏଥିରୁ ମୁକ୍ତି ପାଇଁ ବାଟଟିଏ ଖୋଜିବାକୁ ଚେଷ୍ଟା କରୁଛୁ । ଆମର ଦଳଗତ ମନୋଭାବ କେତେ ଶକ୍ତିଶାଳୀ, ତାହା ଆମକୁ ଜଣା । ଗତ ଜାତୀୟ ଆନ୍ଦୋଳନ ସମୟରେ ଆମ ଦେଶବାସୀ ଯେପରି ତ୍ୟାଗ କରିଥିଲେ, ତାହା ଆମ ପାଇଁ ପ୍ରେରଣାର ଉତ୍ସ । ଏ ଦେଶର କଠିନ ପରିଶ୍ରମୀ ଭାଇଭଉଣୀମାନେ ହିଁ ଆମର ଭରସା ।

ଏ ଅଚଳ ଅବସ୍ଥା କାହିଁକି ?

ଆଗ ଦେଖିବା, ଦେଶରେ ଏମିତି କଣ ଘଟିଯାଇଛି, ଯାହା ଆମକୁ ଏପରି ଗମ୍ଭୀର ସଙ୍କଟରେ ପକାଇଛି ? କ'ଣ ଏମିତି କିଛି ବନ୍ୟା ବା ମରୁଡ଼ି ଆମ ଚାଷଜମିକୁ ଦୋହଲାଇ ଦେଇଛି ? ନା, ଆମର ସବୁ କଳକାରଖାନା ହଠାତ୍ ବନ୍ଦ ହୋଇଯାଇଛି ? ନା ସେପରି କିଛି ନୁହେଁ । ସରକାରୀ ହିସାବ

Digitized by srujanika@gmail.com

କହୁଛି, ବର୍ଷଟା ଏହି ନବେ ଦଶକର ଅନ୍ୟ ବର୍ଷଗୁଡ଼ିକ ତୁଳନାରେ ବିଶେଷ କିଛି ଅଲଗା ନୁହେଁ । ତା ହେଲେ ସଙ୍କଟଟା କେଉଁଠି ?

କଥାଟା ହେଉଛି, ଚାଷବାସ କି କଳକାରଖାନାରେ କିଛି ଗୋଟାଏ ଅଘଟଣ ଘଟି ନାହିଁ । ପ୍ରକୃତ ଅସୁବିଧାଟା ହୋଇଛି ଅନ୍ୟ ଦେଶଗୁଡ଼ିକ ସହ ଆମର ବାଣିଜ୍ୟିକ ସମ୍ପର୍କରେ । ଆମ ପାଖରେ ଏବେ ବିଦେଶରୁ କିଛି ଜିନିଷ ଆମଦାନୀ କରିବାକୁ ବା, କୌଣସି ପ୍ରକାରର ବିଦେଶୀ ସାହାଯ୍ୟ ନେବାକୁ ବା ଆଗରୁ ସେମାନଙ୍କ ପାଖରୁ ଆଣିଥିବା ଋଣ ଶୁଝିବାକୁ ପଇସା ନାହିଁ । କ'ଣ ହେଲା ? ଟଙ୍କା ନାହିଁ ? କ'ଣ ଅଧିକ ଟଙ୍କା ଛାପି ହେବନି ?

ଜଣେ ହୁଏତ ଭାବିପାରନ୍ତି 'ସରକାର ଚାହିଁଲେ କ'ଣ ଅଧିକା ଟଙ୍କା ଛାପିଦେଇ ପାରିବେନି ?' ହଁ । ଛାପିପାରିବେ । କିନ୍ତୁ ଖାଲି ଟଙ୍କା ଆକାରରେ । ଆଉ ଏହି ଛାପିବା କାମଟା ବି ସେମାନେ ବଢ଼ିଆ କରୁଛନ୍ତି । ଆମର ଯେତେ ଦରକାର ତା'ଠୁ ଯଥେଷ୍ଟ ବେଶୀ ଟଙ୍କା ସେମାନେ ଛାପି ଦେଉଛନ୍ତି । ଫଳଟା କ'ଣ ହେଉଛି, ନା ଆବଶ୍ୟକତାଠୁଁ ଅଧିକ ଯୋଗାଇଦେବାକୁ ଅନ୍ୟ ଜିନିଷ ଭଳି ଟଙ୍କାର ବି ମୂଲ୍ୟ କମିବାରେ ଲାଗିଛି । ଆମକୁ ସ୍ୱାଧୀନତା ମିଳିବା ସମୟରେ ଟଙ୍କାର ମୂଲ୍ୟ ଯେତେ ଥିଲା, ଏବେ ତାହା ତା'ର ଦଶଭାଗରୁ ଭାଗେ ହୋଇ ସାରିଲାଣି । ମାନେ, ଦେଶ ସ୍ୱାଧୀନ ହେବା ଠାରୁ ଏ ଭିତରେ ଜିନିଷର ଦରଦାମ ପ୍ରାୟ ଦଶଗୁଣ ବଢ଼ିଯାଇଛି ।

ବୈଦେଶିକ ମୁଦ୍ରା ବିନିମୟ ସଙ୍କଟ

ଆମେ ଆମ ଆଲୋଚନା ବାହାରକୁ ଚାଲିଯାଉଛେ । ଏପରି କହିବାର ମୁଖ୍ୟ ଉଦ୍ଦେଶ୍ୟ ଏଇଆ ଯେ, ଭାରତ ସରକାର ଭାରତୀୟ ମୁଦ୍ରା ଛାପିପାରିବେ, କିନ୍ତୁ ବିଦେଶୀ ମୁଦ୍ରା ନୁହେଁ । ଆମ ଦେଶରେ ଏହା ଯେମିତି ଟଙ୍କା ନାଁରେ' ଚଳିଥାଏ, ସେପରି ଆମେରିକାରେ ଏହା ଡଲାର, ଇଂଲଣ୍ଡରେ ପାଉଣ୍ଡ ଓ ଜାପାନ୍‌ରେ ୟେନ୍ ଇତ୍ୟାଦି । ଆମେ ଆମ ଟଙ୍କା ଦେଇ ବିଦେଶୀ ବଜାରରେ ମନଇଚ୍ଛା କିଣାବିକା କରିପାରିବା ନାହିଁ । ଯଦି ଆମେ ବିଦେଶରୁ କିଛି ଆମଦାନୀ

Digitized by srujanika@gmail.com

କରିବାକୁ ଚାହିଁବା, ତେବେ ଆମକୁ ତାଙ୍କ ମୁଦ୍ରା ଆକାରରେ ଜିନିଷର ଦାମ୍ ଦେବାକୁ ପଡ଼ିବ । ଏହାକୁ କୁହାଯାଏ *ବୈଦେଶିକ ମୁଦ୍ରା ବିନିମୟ* । ଗତ ବର୍ଷ ଶେଷ ଆଡ଼କୁ ଆମର ବୈଦେଶିକ ମୁଦ୍ରା ବିନିମୟ କରିବାର କ୍ଷମତା ସରିଗଲା । ଆମେ ସେବେଠୁଁ ଏହି ବୈଦେଶିକ ମୁଦ୍ରା ବିନିମୟ ସଙ୍କଟରେ ପଡ଼ିଛେ ।

ଆମେ ବିଦେଶୀ ମୁଦ୍ରା କେମିତି ପାଉଥାନ୍ତି ? ଆମ ଜିନିଷପତ୍ର ବିଦେଶକୁ ...ଲେ ଆମେ ବିଦେଶୀ ମୁଦ୍ରା ଅର୍ଜିପାରିବା ଭାରତ ସରକାରଙ୍କ ତଥ୍ୟ ... ୧୯୮୯ ମସିହାରେ ଲୁଗାପଟା, ହୀରା, କାଜୁ, ଚା, କଫି, ... ଆଦି ବିଦେଶକୁ ରପ୍ତାନୀ କରି ପ୍ରାୟ ୨୦,୦୦୦ କୋଟି ଟଙ୍କା ...ବିଦେଶୀ ମୁଦ୍ରା ପାଇଥିଲେ । ଏହାଛଡ଼ା ବିଦେଶରୁ ପର୍ଯ୍ୟଟକମାନେ ...ଲେ, ବିଦେଶୀ ଯାତ୍ରୀମାନେ ଆମ ବିମାନରେ ଯିବାଆସିବା କଲେ ...ଠୁ ଅନ୍ୟାନ୍ୟ ସୁବିଧା ନେଲେ ଆମକୁ ବିଦେଶୀ ମୁଦ୍ରା ମିଳିଥାଏ । ...କୁ ଆମକୁ ଯଦି କେଉଁଠାରୁ ସବୁଠୁ ବେଶୀ ବିଦେଶୀ ମୁଦ୍ରା ମିଳୁଥାଏ, ... । ବିଦେଶରେ ଥିବା ଭାରତୀୟମାନେ ଦେଶକୁ ପଠାଉଥିବା ଟଙ୍କା. ...ଶାଇ ୧୯୮୮-୮୯ରେ ଭାରତ ମୋଟ ୩୦,୦୦୦ କୋଟି ...ଦେଶୀ ମୁଦ୍ରା ଅର୍ଜିଥିଲା ।

...ୟୟ ବଳି ପଡୁଛି

...ଛି କମ୍ ନୁହେଁ । କିନ୍ତୁ ଏତିକି ଆମପାଇଁ ଯଥେଷ୍ଟ ନୁହେଁ, ଆମର ... ଏହାଠୁଁ ଯଥେଷ୍ଟ ବେଶୀ । କାରଣ, ଆମର କେବଳ ଆମଦାନୀ ...ଲା ୩୪,୦୦୦ କୋଟି ଟଙ୍କା । ଅର୍ଥମନ୍ତ୍ରୀ ପାର୍ଲିଆମେଣ୍ଟରେ ... ଯେ, ଆମ ଦେଶ ଆୟଠୁ ଅଧିକ ବ୍ୟୟ କରୁଛି । ଏହି କଥାରେ ...ାହାର ମତଭେଦ ରହିବ ?

...ଥିପାଇଁ ଦାୟୀ କିଏ ? ଏମାନେ ହେଲେ ଆମ ଦେଶର ଧନୀ ... ବିଦେଶୀ ବିଳାସ ପଛରେ ସେମାନେ ଆଖିବୁଜି ଧାଇଁଛନ୍ତି । ...ବଡ଼ା ଆମଦାନୀ କରି ସେମାନେ ନିଜ ବ୍ୟବସାୟରେ ପ୍ରଚୁର

Digitized by srujanika@gmail.com

ଲାଭ କରୁଛନ୍ତି । କେବଳ ନିଜ ଲାଭ ପାଇଁ ସେମାନେ ସରକାରଙ୍କୁ ବିଭିନ୍ନ ନିୟମ କାନୁନ୍ ବଦଳାଇବାକୁ ବାଧ୍ୟ କରୁଛନ୍ତି । ଆଉ କିଛି ନ ଭାବି ନ ଚିନ୍ତି ଅଯଥାରେ ବିଦେଶରୁ ଅଦରକାରୀ ଜିନିଷସବୁ ଆମଦାନୀ କରିବାକୁ ଚାପ ପକାଉଛନ୍ତି । ୧୯୮୦ରେ ତେଲଦର ତେଜିଲା । ତେଲ ଆମଦାନୀ ପାଇଁ ଆମ ବୈଦେଶିକ ବିନିମୟ ଖର୍ଚ୍ଚ ବି ବଢ଼ିଗଲା ଓ ଆମକୁ ଅଧିକ କରଜ ନେବାକୁ ପଡ଼ିଲା । କିନ୍ତୁ ଏହି ଲୋକମାନେ ତେଲ ଖର୍ଚ୍ଚ କମାଇବା ଉପରେ ଗୁରୁତ୍ୱ ଦେବା ବଦଳରେ ଆମ କାରିଗରୀକୁ ବଦଳାଇ ଅଧିକ ତେଲ ଆଣିବାକୁ ଚାପ ପକାଇଲେ । ତା ସାଙ୍ଗକୁ ବିଶ୍ୱବ୍ୟାଙ୍କ ବି 'କଟା ଘା'ରେ ଚୂନ ଦେଲା ଭଳି କାମ କରି ଚିଲେଇବାରେ ଲାଗିଥାଏ- ''ଭାରତ ଅଧିକ କରଜ ନେବା ଉଚିତ । ଏହି ଉଧାର ନେବାରେ ଭାରତ ଏତେ କଞ୍ଜୁସ୍ କାହିଁକି ?'' ସେତେବେଳେ ଏହା ବୁଝା ପଡୁ ନଥିଲା । କିନ୍ତୁ ଏବେ ସେ କରଜ ଶୁଝିବାର ସମୟ ଆସିଛି । ଆଉ ପ୍ରଶ୍ନ ଉଠୁଛି, କିଏ ଏହା ଶୁଝିବ ? ଯେଉଁମାନେ ସେତେବେଳେ କରଜ ଆଣି ନିଜ ଫାଇଦା ଉଠାଇଥିଲେ ସେମାନେ, ନା, ସାରା ଦେଶ ? ଆମେ ଏହା କହିପାରିବା କି, ଯେ ଆମ ଦେଶର ସଂଖ୍ୟାବହୁଳ ଗରିବମାନେ କୌଣସି ପ୍ରକାରେ ବି ଏହି ବିଦେଶୀ ମୁଦ୍ରା କରଜ କରିବାରେ ଦାୟୀ ଅଟନ୍ତି ?

ଦାୟୀ କିଏ ?

ଧରାଯାଉ ଗୋପାଳ- ଜଣେ କୃଷି ଶ୍ରମିକ । ତା'ରି ପରି ପରିବାର ଏ ଦେଶର ପ୍ରତି ଗାଁ ଗାଁରେ ରହିଛନ୍ତି । ଚାଲନ୍ତୁ ତା'ର ନିତିଦିନିଆ ଜୀବନକୁ ଦେଖିବା । କ୍ଷେତରେ ଖଟି ସେ ନିଜ ପରିବାରକୁ ପାଳେ । ଦି'ଓଳି ଦି' ମୁଠା ଦାନା ପାଇଁ ତାକୁ ପ୍ରତିଦିନ ହାଡ଼ଭଙ୍ଗା ପରିଶ୍ରମ କରିବାକୁ ପଡ଼େ । ଏହି ଖଟଣି ତା'ର ଜୀବନସାରା କେବେ ବଦଳିବାର ନାହିଁ । ସ୍ତ୍ରୀ ତା'ର ଗାଁ ଜମିଦାର ଘରେ କାମ କରେ । ପିଲାଏ ସ୍କୁଲ୍‌କୁ ଯିବା ବଦଳରେ ଏଣେତେଣେ କାମରେ ଲାଗନ୍ତି । ଏମିତି ସମସ୍ତେ କାମ କରୁଥିବା ସତ୍ତ୍ୱେ ବି ସେମାନଙ୍କ ପେଟ ପୂରେନି । ତାଙ୍କ ରୋଜଗାରର ୪ ଭାଗରୁ ୩ ଭାଗ ଯାଏ କେବଳ ଖାଇବା ଖର୍ଚ୍ଚରେ ।

Digitized by srujanika@gmail.com

ଖାଇବା କହିଲେ ବଗଡ଼ା ଚାଉଳ, ଘାସ ଭଳି ଶାଗ, ଆଉ କିଛି ଖରାପ ମାନର ପନିପରିବା । କୋଉ ସକାଳେ ଅକାଳେ ଟିକେ ମିଠା, କି ମାଛ ମାଂସ ପାଟିରେ ବାଜେ ।

ଏହାଭିତରୁ କୌଣସିଟିକୁ ବି ବିଦେଶରୁ ଆମଦାନୀ କରିବାକୁ ପଡ଼େନି । ଅଥଚ ଦେଶରେ ୪୦ ଭାଗ ଲୋକ ଭୋକିଲା ରହୁଥିବା ବେଳେ ଆମେ ବିଦେଶକୁ ଚାଉଳ ରପ୍ତାନୀ କରୁଛେ । ଗୋପାଳ ଓ ତା ପିଲାଛୁଆ ଯେଉଁ ଜାମାପଟା ପିନ୍ଧନ୍ତି, ସେସବୁ ବହୁତ ଶସ୍ତା କନାରେ ତିଆରି ହୋଇଥାଏ । ଅଧିକାଂଶ ସେଥିରୁ ହାତବୁଣା । କୁଡ଼ିଆଟି ବି ଝାଟିମାଟିରେ । ତିଆରି ସବୁ ଜିନିଷ ଗାଁରୁ ହିଁ ଯୋଗାଡ଼ ହୋଇଛି । ସେମାନେ କୌଣସି ବହୁଦେଶୀୟ କମ୍ପାନୀ ବା ବିଦେଶରୁ ଅଣାଯାଉଥିବା ବିଳାସ ଜିନିଷ ବ୍ୟବହାର କରନ୍ତିନି । ଖାଲି ରାତିରେ ଜାଳୁଥିବା କିରୋସିନୀ, ଯାହା ଆଣିବାରେ ଦେଶର କିଛି ମୁଦ୍ରା ଖର୍ଚ୍ଚ ହୁଏ । କିନ୍ତୁ ରାତିରେ ଅନ୍ଧାରକୁ ହଟେଇବାକୁ ସେମାନଙ୍କ ହାତରେ ଆଉ କିଛି ବିକଳ୍ପ ରାସ୍ତା ନାହିଁ । ତେଣୁ ସେମାନଙ୍କୁ ଏଥିପାଇଁ ଦୋଷ ଦେଇହେବନି । ଏହା ତାଙ୍କ ପାଇଁ ଅପରିହାର୍ଯ୍ୟ । ଗୋପାଳର ପରିବାର ଭାରତର ସଂଖ୍ୟାବହୁଳ ରୁଗ୍ଣ, ନିରକ୍ଷର, ଗରିବ, ଅଧା ଭୋକିଲାଙ୍କ ପରିବାର ଭିତରୁ ଗୋଟିଏ ମାତ୍ର । ଏମାନେ ଦେଶର କୋଟି କୋଟି ଟଙ୍କାର ଏହି ବୈଦେଶିକ ମୁଦ୍ରା ଅପବ୍ୟୟରେ ଜମା ଅଂଶୀଦାର ନୁହନ୍ତି ।

ଆସନ୍ତୁ ଆଉ ଏକ ଉଦାହରଣ ନେବା । ଝରଣା- ଗୋଟିଏ ବଡ଼ ସାବୁନ୍ କମ୍ପାନୀରେ ପ୍ୟାକିଂ କାମ କରୁଥିବା ଅନେକ ମହିଳାଙ୍କ ଭିତରୁ ଜଣେ । ତାଙ୍କ କାରଖାନାକୁ ଆଗର ପୁରୁଣା ଦେଶୀ ମେସିନ୍ ଜାଗାରେ ଏକ ସ୍ୱୟଂଚାଳିତ ପ୍ୟାକିଂ ମେସିନ୍ ଆସିଛି । ଏହା ବଦଳିବାରେ ତା'ର କ'ଣ ଲାଭ ? ଏହା ତା'ର ଜୀବନକୁ ଏମିତି କିଛି ବଦଳାଇ ଦେଇନି । କେତେଟା ଅପରେସନ୍ ସିନା ସହଜ ହୋଇଯାଇଛି, କାମ ଚାପଟା ତ କେତେଗୁଣ ବଢ଼ିଯାଇଛି । ତାକୁ ବେଶୀ ବାଧିଲା, ଯେତେବେଳେ ତା ଆଖି ସାମନାରେ ତା'ର ଅନେକ ସାଙ୍ଗଙ୍କୁ କାମରୁ ବାହାର କରିଦିଆଗଲା ।

Digitized by srujanika@gmail.com

ୟୁନିଅନ୍‌ରେ ସେ ଓ ତା'ର ଅନେକ ସାଙ୍ଗ ଭାବନ୍ତି ଯେ, ଦେଶୀ ମେସିନ୍ ଏମିତି ସୁନ୍ଦର ଭାବେ ପ୍ୟାକିଂ କରିପାରିବନି ଭାବି ବିଦେଶରୁ ଏପରି ମେସିନ୍ ଆମଦାନୀ କରିବାଟା ପାଗଳାମୀ ଛଡ଼ା ଆଉ କିଛି ନୁହେଁ । ଖାଲି ଏଇ ଚକଚକିଆ ପ୍ୟାକିଂ ସିନା ହୋଇଛି, ହେଲେ ସାବୁନ୍‌ର ମାନ ଆଗ ଅପେକ୍ଷା ବେଶ୍ ଖରାପ ହୋଇଯାଇଛି । କିନ୍ତୁ ତା'ର ଏହି ବହୁଦେଶୀୟ କମ୍ପାନୀଟି ମିଛରେ ସାବୁନ୍‌ଟି ଉତ୍କୃଷ୍ଟ ମାନର ବୋଲି ପ୍ରଚାର ଚଳାଉଛି । ବହୁତ ଲାଭ ବି ପାଉଛି । ବିଚରା ଗ୍ରାହକ ମାନେ କେବଳ ପ୍ରଭାବଶାଳୀ ବିଜ୍ଞାପନରେ ବିଭୋର ହୋଇ ଜାଣିପାରନ୍ତିନି, ସାବୁନ୍‌ର ମାନ କେତେ ଖରାପ । ଝରଣା ବି ଏ ସାବୁନ୍ ଲଗାଏ ଓ ତିଆରି କରେ । କିନ୍ତୁ ଏହି ସାବୁନ୍ ତିଆରିରେ ଯେଉଁ ବିଦେଶୀ ମୁଦ୍ରା ଅପବ୍ୟୟ କରାଯାଇଛି, ସେଥିପାଇଁ ସେ ଦାୟୀ ନୁହେଁ । ସେ ଓ ତା ସାଙ୍ଗମାନେ ସ୍ୱପ୍ନ ଦେଖନ୍ତି, ଯଦି ଏହି କାରଖାନାଟି ଶ୍ରମିକଙ୍କ ସମବାୟ ସମିତି ଦ୍ୱାରା ଚାଲୁଥା'ନ୍ତା ! ଆଉ ସେମାନେ ଯଦି ତାଙ୍କ କାମ କରିବା ଢାଞ୍ଚାକୁ ବଦଳାଇ ଦେଇପାରିଥା'ନ୍ତେ !

ଜାଭେଦ୍‌କୁ ଦେଖନ୍ତୁ । ଗୋଟିଏ କାରଖାନାରେ ଚାକିରୀଟେ ପାଇଛି ବୋଲି ତା ଖୁସିର ସୀମା ନ ଥିଲା । ତାକୁ ଏବେ ବାହାର କରିଦିଆଯାଇଛି ଜିନିଷର ମାନ ବଢ଼ାଇ ବିଦେଶକୁ ରପ୍ତାନୀ କରିବା ଆଶାରେ କାରଖାନାମାଲିକ ବିଦେଶରୁ ସବୁ ନୂଆ ଯନ୍ତ୍ରପାତି କିଣିଲେ । କିନ୍ତୁ ଏବେ ଦେଖିଲା ବେଳକୁ ସେ ଯଥେଷ୍ଟ ଅର୍ଡ଼ର ପାଉ ନାହାନ୍ତି । ତେଣୁ ସେ ଆଉ କାରଖାନା ଚଳାଇବାକୁ ସାହସ କରୁନାହାନ୍ତି । ସେ ନିଜକୁ ସିନା ବଞ୍ଚେଇନେଲେ । ହେଲେ, ଜାଭେଦ୍ ଭଳି କେତେ ଯେ ଲୋକଙ୍କ ରୋଜଗାର ବନ୍ଦ ହୋଇଗଲା, ସେ କଥା କିଏ ବିଚାରୁଛି ? ତା' ମା' ଆଜି ବଡ଼ ବ୍ୟସ୍ତ । ରପ୍ତାନୀର ବିକାଶ ନାଁରେ ସରକାର ନ ଭାବି ନ ଚିନ୍ତି ଯେଉଁ ଆମଦାନୀ କଲେ, ସେଥିରେ ଜାଭେଦ୍ ଓ ତା'ର ସାଙ୍ଗଙ୍କର ଭଲା କି ଭୁଲ ? ସେମାନେ କାହିଁକି ଏପରି ଅସୁବିଧାରେ ପଡ଼ିବେ ?

ଆଉ ଅଜୟ ? ସେ ନିଜ ଚାକିରୀରୁ ଅବସର ନେବାକୁ ଯାଉଛି । ଦେଶର ସବୁଠାରୁ ବଡ଼ ଓ ସମ୍ମାନଜନକ କଳକବଜା ତିଆରି କରୁଥିବା କାରଖାନାରେ

Digitized by srujanika@gmail.com

ସେ ନିଜର ସାରାଜୀବନ ବିତାଇଛି । କିନ୍ତୁ ଆଜି ତାକୁ ନିରାଶ ଲାଗୁଛି । କମ୍ପାନୀର ଉତ୍ପାଦନର ଚାହିଦା କମିଯିବାରୁ ଏହା ଏବେ ବନ୍ଦ ହେବାକୁ ଯାଉଛି । ଘର ଛାଡ଼ି ସେ କେତେ ଥର ଦେଶର ବିଭିନ୍ନ ଜାଗାରେ ଓ ଦେଶ ବାହାରେ ଲିବିଆ ଭଳି ଦୂର ଦେଶରେ ବିଜୁଳି ଶକ୍ତି ଉତ୍ପାଦନ କାମରେ ମାସ ମାସ କଟାଇଛି । ଆଜି ସେ ଦୁଃଖିତ ଯେ ଦେଶ ଆଉ ତା'ର ସାହାଯ୍ୟ ଲୋଡୁନି । ଦଶ ବର୍ଷ ତଳେ ଆରବରେ ଗୋଟିଏ ବଡ଼ ୟୁରୋପୀୟ କମ୍ପାନୀ ତାକୁ ଅଧିକ ଟଙ୍କା ଦେଇ କାମ କରିବାକୁ କହୁଥିଲା । ହୁଏତ ସେଠାରେ ସେ ଯୋଗ ଦେଇଥିଲେ ଭଲ ହୋଇଥାନ୍ତା । ସେ ଥରେ ଥରେ ରାଗିଯାଏ; କାରଣ, ତା'ର ସାଙ୍ଗ ସାଥି ମିଶି ଯଦି ବିଜୁଳି ଶକ୍ତି ଉତ୍ପାଦନ କରିଥାନ୍ତେ ତେବେ ଆମର ପେଟ୍ରୋଲ୍ କିଣା ଖର୍ଚ୍ଚ ଯଥେଷ୍ଟ କମି ଯାଇଥାନ୍ତା । ଯଥେଷ୍ଟ ନୂଆ କାରିଗରୀ କୌଶଳ ବିନା ମଧ୍ୟ ଭାରତୀୟ ରେଳ ଡିଜେଲ ଓ ଡଲାର ବାବଦରେ ଖର୍ଚ୍ଚ କମାଇ କୋଇଲା ବଦଳରେ ବିଜୁଳି ଶକ୍ତିରେ ଚାଲିପାରିଥାନ୍ତା ।

ଏ ହେଲା ରାମୁ । ନିଜ କ୍ଷେତରୁ ଅଧିକ ଅମଳ ପାଇଁ ଦେଶୀ ସାର ବ୍ୟବହାର କରୁଥିବା ଜଣେ ଛୋଟ ଚାଷୀ । ସେ ଶୁଣୁଛି, ଏହା ତା' ଜମି ପାଇଁ ବିଶେଷ ଉପଯୋଗୀ ନୁହେଁ । ବିଦେଶରୁ ଆସୁଥିବା ଅନ୍ୟ କିଛି ଜୈବସାର ଓ ରାସାୟନିକ ସାର ଦେଇପାରିଲେ ଭଲ ହୁଅନ୍ତା । କିନ୍ତୁ ସେ ତାହା କେଉଁଠୁ ପାଇବ ? ପୁଣି ଏତେ ଅଧିକ ପଇସା ଦେଇ ? ତେଣୁ ବାଧ୍ୟ ହୋଇ ସେ ସେହି ଶସ୍ତା ଦେଶୀ ସାର ହିଁ ଦେଉଛି । ଆମ ଦେଶ ଅଶୀ ଦଶକରେ କେବଳ ସାର ଆମଦାନୀ ବାବଦରେ ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛି । ଅଥଚ ଏହି ପଇସାକୁ ଲଗାଇ ଆମର ସବୁ ସାର କାରଖାନାକୁ ସଜଡ଼ାଯାଇ ପାରିଥାନ୍ତା । ଦେଶୀୟ ଉତ୍ପାଦନକୁ ବଢ଼ା ଯାଇ ପାରିଥାନ୍ତା । ଏଥିପାଇଁ କ'ଣ ରାମୁକୁ ଦାୟୀ କରାଯାଇପାରିବ ? ଏମିତିକି ଆହୁରି କମ୍ ଖର୍ଚ୍ଚରେ ବି ସେ ନିଜ ବୁଦ୍ଧିରେ ଜୈବସାର ଲଗାଇ ସାରଖର୍ଚ୍ଚ କମାଇ ପାରିଥାନ୍ତା । ରାମୁକୁ ହସ ମାଡୁଛି, ବିଶ୍ୱବ୍ୟାଙ୍କ୍ ଏବେ ସାରରେ କୁଆଡ଼େ ଭାରତ ସରକାରଙ୍କୁ ସବ୍‌ସିଡ଼ି (ରିହାତି)

Digitized by srujanika@gmail.com

ନ ଦେବାକୁ କହୁଛି । ରାମୁର ମନେ ଅଛି, ତାର ପିଲାଦିନେ ଏହି ବିଶ୍ୱବ୍ୟାଙ୍କ୍ ହିଁ ସାରରେ ସବ୍‌ସିଡ଼ି ଦେବାକୁ ଭାରତ ସରକାରଙ୍କୁ ବାଧ୍ୟ କରିଥିଲା ।

ଧନୀ ଲୋକଙ୍କର ଭାଗ କେତେ ?

ଆରପଟରେ ଅଛନ୍ତି ମି.ଟଣ୍ଡନ୍., ମି. ଫିଲିପ୍ସ୍ ଆଦି ବଡ଼ବଡ଼ିଆ ଶିଳ୍ପପତି ଗଣ । ମି. ଟଣ୍ଡନ୍ ହଜାର ହଜାର ଏକର ଜମିର ମାଲିକ (ଅଲଗା ଅଲଗା ନାଁରେ) । ପାଖ ସହରରେ ଗୋଟିଏ ନୂଆ କାରଖାନାର ମାଲିକାନା ବି ତା'ଙ୍କର । ତାଙ୍କର ବର୍ଷକର ଖର୍ଚ୍ଚ ଭିତରେ ଖାଇବା ଖର୍ଚ୍ଚ ଏକ ଛୋଟକାଟିଆ ଅଂଶ । କିନ୍ତୁ ଏଥିରୁ ଗୋଟିଏ ବଡ଼ ପରିମାଣ ଖର୍ଚ୍ଚ ହୁଏ, ବହୁଦେଶୀୟ କମ୍ପାନୀମାନଙ୍କର ଦାମିକିଆ ଖାଦ୍ୟ, ବିଦେଶୀ ଲହୁଣୀ, ସ୍କଚ୍, ହୁଇସ୍କି କିଣିବାରେ । ତାଙ୍କର ରାଜପ୍ରାସାଦ ଭଳି ଅଟ୍ଟାଳିକାରେ ଲାଗିଥିବା ଦାମୀ ବିଦେଶୀ ଟାଇଲ୍ ଓ ଅନ୍ୟାନ୍ୟ ଉପକରଣ ଦେଖିଲେ ତାଙ୍କ ରୋଟାରୀ ସାଙ୍ଗମାନେ ବି ଈର୍ଷା କରନ୍ତି । ଆଉ ତାଙ୍କ ଖର୍ଚ୍ଚର ମୁଖ୍ୟ ଅଂଶ ଯାଏ ଟି.ଭି., ଭି.ସି.ଆର୍, ଫ୍ରିଜ୍, ଲୁଗାଧୂଆ ମେସିନ୍, ମାଇକ୍ରୋୱେଭ୍ ଚୁଲୀ ଆଦି କିଣିବାରେ । କହିବା ଅନାବଶ୍ୟକ ଯେ, ସେ ଭାରତୀୟ ଜିନିଷକୁ ଘୃଣା କରନ୍ତି । ସେ ବିଦେଶୀ ମର୍ସିଡ଼ିଜ୍ ଗାଡ଼ି ଚଢ଼ିଲା ବେଳେ ତାଙ୍କ ଛୁଆଏ ମାରୁତି ଚଲାନ୍ତି । ଆଜିକାଲି ତାଙ୍କୁ ବିଦେଶ ବୁଲିବାଟା ବି ବଡ଼ ପସନ୍ଦ ଲାଗୁଛି; ଏହା ଅବଶ୍ୟ ବ୍ୟବସାୟିକ କାରଣରୁ । ବିଦେଶୀ ବ୍ୟାଙ୍କ୍‌ରେ ତାଙ୍କ ଟଙ୍କା ଜମାରୁ ଜଣେ ଠଉରାଇ ପାରିବ, ସେ କେଉଁ ପ୍ରକାରର ଜୀବନ ବିତାନ୍ତି ।

ଏମାନଙ୍କର ଏହି ଦଳଟି ଦେଶର ଲୋକସଂଖ୍ୟା ଭିତରେ କାଣିଚାଏ ମାତ୍ର- ଗୋଟିଏ ଅତି ଛୋଟିଆ ଅଂଶ । ମି. ଟଣ୍ଡନ୍‌ଙ୍କ ପରି ନ ହେଲେ ବି ଏ ପ୍ରକାର ମନୋବୃତ୍ତି ଓ ଚାଲିଚଳଣୀର ଅନେକ ଲୋକ ଆମ ଭିତରେ ଅଛନ୍ତି । ଏମାନେ ଟି.ଭି., ଭିଡ଼ିଓ, ଲୁଗାଧୂଆ ମେସିନ୍, ମାରୁତି କାର୍ ଆଦି କିଣିପାରୁଛନ୍ତି । ଏହି ପ୍ରକାରର ଲୋକ ଆମର ମୋଟ ଲୋକସଂଖ୍ୟାର ଦଶ ଭାଗରୁ ଭାଗେ । ସେମାନେ ବ୍ୟବହାର କରୁଥିବା ଅଧିକାଂଶ ପଦାର୍ଥ ଭାରତରେ

Digitized by srujanika@gmail.com

ତିଆରି ହୋଇପାରିବ । କିନ୍ତୁ ଏହା ପରିଷ୍କାର ଜଣାପଡୁଛି ଯେ, ଏସବୁର ଏକ ବଡ଼ ଭାଗ ବିଦେଶରୁ ଆମଦାନୀ କରାଯାଏ । ଯେଉଁ ପରିବାର ପାଖରେ ଗୋଟିଏ ମାରୁତି କାର୍, ଫ୍ରିଜ୍ ଓ ଭି.ସି.ଆର୍ ଅଛି, ସେ ଜାତୀୟ ସମ୍ପତ୍ତିରୁ ଲକ୍ଷେ ଟଙ୍କାର ବିଦେଶୀ ମୁଦ୍ରା ରଖିଛନ୍ତି ।

ଆମକୁ ପଚାରିବାକୁ ପଡ଼ିବ ଗୋପାଳ, ଝରଣା, ଜାଭେଦ୍, ଅଜିତ୍, ରାମୁ ଓ ଏପରି ଅନେକ ଲୋକ ଯେଉଁମାନେ ଋଣ ଭାରରେ ସଢୁଛନ୍ତି, ସେମାନେ ଏସବୁରୁ କି ଲାଭ ପାଉଛନ୍ତି ? ଆମେ କ'ଣ ମି. ଟଣ୍ଡନ, ମି. ଫିଲିପ୍ସ ଓ ତାଙ୍କ ସାଙ୍ଗମାନଙ୍କୁ ଆମକୁ ଏପରି ଅଧିକ ବିପଦରେ ପକାଇବାକୁ ଛାଡ଼ିଦେଇ ପାରିବା ?

ଆମେ କ'ଣ ନିଜ ଇଚ୍ଛା ମୁତାବକ ଜିନିଷ କିଣି ପାରିବା ?

ଆମ ଭିତରୁ ଅଧିକାଂଶ ଲୋକ ବହୁଦେଶୀୟ କମ୍ପାନୀଙ୍କର ଜିନିଷ କିଣୁଛେ । ଆମେ ଜାଣି ପାରୁ ନାହେଁ, ଯେ ସେମାନେ କେତେ ଶକ୍ତିଶାଳୀ । ଆଉ ଆମର ଅର୍ଥନୀତିକୁ ସେମାନେ କିପରି ବିକୃତ କରି ପକାଉଛନ୍ତି । ଆମେ କିଣୁଥିବା ବିଭିନ୍ନ ଜିନିଷର ନାଁ ଯଦି ଓ ଭାରତୀୟ ପରି ମନେ ହେଉଛି, କିନ୍ତୁ ଅସଲରେ ଏଗୁଡ଼ିକ ବିଦେଶୀ ସହାୟତାରେ ତିଆରି । ଆମ ଦେଶ ସ୍ୱାଧୀନ ହେବାର ୫୦ ବର୍ଷ ବିତି ଯାଇଥିଲେ ବି ବିକ୍ରି ବଜାରରେ ଏହି ବହୁଦେଶୀୟ କମ୍ପାନୀଙ୍କର ହାତମୁଠା ବେଶ୍ ଟାଣ ଓ ଏମାନଙ୍କ ରାଜୁତି ବେଳକୁ ବେଳ ବଢ଼ି ଚାଲିଛି । ସହରରେ ରହୁଥିବା ଜଣେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କର ନିତିଦିନିଆ ଜିନିଷ ବ୍ୟବହାରରୁ କିଛିଟା ଆମେ ଉପରଠାଉରିଆ ଭାବେ ଦେଖିବା । ସକାଳୁ ଉଠିଲେ ସେ ଯେଉଁ ଦାନ୍ତଘଷା ପେଷ୍ଟ ବ୍ୟବହାର କରନ୍ତି ତାହା ବିଦେଶୀ ମାର୍କାରେ ତିଆରି । ସକାଳ ଚା' ମଧ୍ୟ ବହୁଦେଶୀୟ କମ୍ପାନୀଙ୍କ ଖୋଳରେ ମିଳୁଛି । ପାଇଖାନାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀଠାରୁ ଯାନବାହନ ଓ ଅଫିସ୍ ସାମଗ୍ରୀ ପର୍ଯ୍ୟନ୍ତ ସବୁଥିରେ ବିଦେଶୀ ଛାପ ରହିଛି । ସକାଳୁ ସଞ୍ଜ ଭିତରେ ଆମର ଅଧିକାଂଶ ଜିନିଷ ଆମେ ତାଙ୍କଠୁ ହିଁ କିଣୁଛେ । ଆମର ଅର୍ଥନୀତି ଏପରି

Digitized by srujanika@gmail.com

ଅବସ୍ଥାରେ ପହଞ୍ଚିଲାଣି ଯେ, ଆମେ ପ୍ରତି ମୁହୂର୍ତ୍ତରେ ବିଦେଶକୁ କିଛି ନା କିଛି କର ଦେଉଛେ ।

ସ୍ୱାଧୀନତା ପାଇଲା ପରେ ଆମେ ଆମଦାନୀ ଉପରେ କଡ଼ା କଟକଣା ରଖିଥିଲେ । ବିଦେଶୀ ଶାସନ ସମୟରେ ଆମ ବଜାରରେ ଯେପରି ବିଦେଶୀ ଜିନିଷ ଭରି ଯାଇଥିଲା, ସେଥିରୁ ଆମେ କିଛିଟା ମୁକୁଳିପାରିଥିଲେ । ଲକ୍ଷ୍ୟ ଥିଲା, ଯେଉଁସବୁ ଜିନିଷ ବାହାରୁ ଆସୁଥିଲା, ସେ ସବୁକୁ ଆମେ ନିଜେ ତିଆରି କରିବା । ରେଡ଼ିଓ, ବୈଦ୍ୟୁତିକ ଯନ୍ତ୍ରପାତି, ବା ଗାଡ଼ିମଟର ଆଦିକୁ ଛାଡ଼ିଦେଲେ ଅନ୍ୟ ଜିନିଷ ସବୁ ଆମ ତିଆରି କରିବା କ୍ଷମତା ଭିତରେ ଥିଲା । କଳକବ୍‌ଜା ତିଆରି କାରଖାନାରେ ଭାରତ ତୃତୀୟ ବିଶ୍ୱର ଦେଶଗୁଡ଼ିକ ଭିତରେ ସବୁଠୁ ଆଗୁଆ ଥିଲା । ଦେଶରେ ଦେଶୀ କାରିଗରୀ ଦ୍ୱାରା ଉତ୍ପାଦନ ବଢ଼ାଇବା ପାଇଁ ଆମର କ୍ଷମତା ଥିଲା ।

ସ୍ୱାଧୀନତା ଆଗରୁ ଆମର ମୋଟ ଚାହିଦାର ତିନି ଚତୁର୍ଥାଂଶ ଯଦି ବାହାରୁ ଆସୁଥିଲା, ୧୯୭୫ ମସିହା ବେଳକୁ ତାହା କମି ଏକ ଚତୁର୍ଥାଂଶ ହୋଇଯାଇଥିଲା । ସତୁରୀ ଦଶକର ଶେଷ ଭାଗରୁ ଅଶୀ ଦଶକର ଆରମ୍ଭ ମଧ୍ୟରେ ଏହି ସ୍ୱାବଲମ୍ବୀ ଶିଳ୍ପ ବିକାଶ ନୀତିକୁ ବଦଳାଇ ଦିଆଗଲା । ଅଧିକ କଳକବ୍‌ଜା ଆମଦାନୀ କରି ଭାରତୀୟ ଜିନିଷର ମାନ ବଢ଼ାଇବା ସଙ୍ଗେ ସଙ୍ଗେ ଅଧିକ ରପ୍ତାନୀ ପାଇଁ ଏପରି ଯୋଜନା କରାଗଲା । ଆମଦାନୀ ନୀତିକୁ କୋହଳ କରି ଦିଆଗଲା । କଳକାରଖାନାର ମାନ ବଢ଼ାଇ ବାହାରୁ ଅଣାଯାଉଥିବା ଜିନିଷଗୁଡ଼ିକୁ ଦେଶ ଭିତରେ ତିଆରି କରିବାକୁ ଚେଷ୍ଟା କରାଗଲା । ବିଦେଶୀ ସହାୟତା ଓ ଚୁକ୍ତିକୁ ବି ଉତ୍ସାହିତ କରାଗଲା । ଏହି ନବୀକରଣ ଦେଶରେ ବହୁଦେଶୀୟ କମ୍ପାନୀଙ୍କର ସଂଖ୍ୟା ବଢ଼ାଇ ଦେଲା । ବିଦେଶରୁ କଳକବ୍‌ଜା ଓ ତା'ର ଅଂଶ ବିଶେଷର ଆମଦାନୀ ବି ବଢ଼ିଗଲା ।

ଆମଦାନୀର ଆଉ ଗୋଟିଏ ବଡ଼ ଅଂଶ ହେଉଛି ପେଟ୍ରୋଲ୍‌ଜାତ ଜିନିଷ । ଆମ ଦେଶରେ ଜଣାଥିବା ପେଟ୍ରୋଲ୍ ଖଣିଗୁଡ଼ିକ ଆମ ଚାହିଦା ମେଣ୍ଟାଇବାକୁ

Digitized by srujanika@gmail.com

ଯଥେଷ୍ଟ ନୁହଁନ୍ତି । ଆମେ ଜାଣିଛେ, ପ୍ରତିବର୍ଷ ଆମକୁ ଏକ ବଡ଼ ପରିମାଣର ପେଟ୍ରୋଲ ଓ ପେଟ୍ରୋଲଜାତ ଜିନିଷ ଆମଦାନୀ କରିବାକୁ ହେବ । ତେଣୁ ଆମକୁ ପ୍ରେଟ୍ରୋଲ ଭଣ୍ଡାରଗୁଡ଼ିକର ସଂରକ୍ଷଣ ସଙ୍ଗେ ସଙ୍ଗେ ପେଟ୍ରୋଲ୍ ସମ୍ବନ୍ଧୀୟ ଯେତିକି ଖର୍ଚ୍ଚ ହେଉଛି, ସେଥିରୁ ସେତିକି ଉତ୍ପାଦନକ୍ଷମ ଫାଇଦା ଉଠେଇବାକୁ ପଡ଼ିବ । କିନ୍ତୁ ଆମେ ଏହାକୁ ବିଶେଷ ଗୁରୁତ୍ୱ ଦେଉନାହେଁ । ଏହାର ଗୋଟିଏ ଉଦାହରଣ ହେଉଛି ଆମେ ଯିବାଆସିବା ବା ମାଲ୍‌ବୋହିବା ପାଇଁ ଏ ଯାଏଁ ପିଚୁରାସ୍ତା ଉପରେ ହିଁ ବେଶୀ ନିର୍ଭର କରୁଛେ । ରେଳଗାଡ଼ି ବା ଜଳପଥରେ ଏହା କିପରି ଉପଯୋଗୀ ହେବ, ତାହା ଆମେ ବିଶେଷ ଚେଷ୍ଟା କରୁନାହେଁ। ପିଚୁରାସ୍ତା ବା ଆକାଶରେ ଯାତ୍ରା ଅପେକ୍ଷା ରେଳରେ ଯିବାଆସିବା ବା ନେବାଆଣିବା କରିବାରେ ନିଶ୍ଚିତ ଭାବେ କମ୍ ଜାଳେଣୀ ଲୋଡ଼ାହୁଏ । ଆମେ ଏଗୁଡ଼ିକୁ ବିଶେଷ ଧ୍ୟାନ ନ ଦେଇ କେବଳ ପିଚୁରାସ୍ତା ଉପରେ ଗାଡ଼ି ମଟରରେ ଅତିରିକ୍ତ ପେଟ୍ରୋଲ୍ ପୋଡୁଛେ । ପେଟ୍ରୋଲ୍ ଖର୍ଚ୍ଚ ପ୍ରତିବର୍ଷ ହାରାହାରି ଶତକଡ଼ା ୯ ଭାଗ ବଢ଼ିଚାଲିଛି ।

ସରକାରୀ ଆମଦାନୀ ହିସାବରେ ଆଉ ଏକ ବଡ଼ ଆମଦାନୀକୁ ଦର୍ଶାଯାଏ ନାହିଁ । ତାହା ହେଲା ଅସ୍ତ୍ରଶସ୍ତ୍ର । ଦେଶପ୍ରୀତି ନାଁରେ ପ୍ରଚୁର ଅସ୍ତ୍ରଶସ୍ତ୍ର ଲୋକଙ୍କ ଅଜାଣତରେ ବିଦେଶରୁ ଆମଦାନୀ କରାଯାଉଛି । ଏବେ ବୋଫର୍ସ ଗୋଳା ଘଟଣା ହିଁ ଆମ ଆଖି ଖୋଲିଦେଲା । ଆମର ସାମରିକ ଆବଶ୍ୟକତା ମେଣ୍ଟାଇବା ପାଇଁ ଯେତେ ଅସ୍ତ୍ର ଶସ୍ତ୍ର କିଣାଯାଏ, ତା'ଠୁ ବେଶୀ କିଣାଯାଏ, ଅସ୍ତ୍ରକିଣାରେ ଅଧିକ କମିଶନ୍ ପାଇବା ପାଇଁ ଓ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ କରିବା ପାଇଁ । ଏବେ ଜଣାପଡ଼ିଛି ଯେ, ୧୯୮୫ରୁ ୧୯୮୯ ମଧ୍ୟରେ ଭାରତ ବିଶ୍ୱ ବଜାରରୁ ୧,୭୩୯ କୋଟି ଡଲାର୍ ମୂଲ୍ୟର ଅସ୍ତ୍ରଶସ୍ତ୍ର କିଣିଛି । ଯଦି ସତ ହୋଇଥାଏ, ତେବେ ପେଟ୍ରୋଲ୍ ଓ ପେଟ୍ରୋଲ୍‌ଜାତ ଜିନିଷ ଅପେକ୍ଷା ଅସ୍ତ୍ରଶସ୍ତ୍ର ଆମଦାନୀରେ ଅଧିକ ଖର୍ଚ୍ଚ ହୋଇଛି । ଭାରତ ବୋଧହୁଏ, ଅସ୍ତ୍ରଶସ୍ତ୍ର

Digitized by srujanika@gmail.com

କିଣାରେ ପୃଥିବୀରେ ଅନ୍ୟ ଦେଶ ଅପେକ୍ଷା ଅଧିକ ଖର୍ଚ୍ଚ କରେ । ଭାରତ ଭଳି ଏକ ଗରିବ ଦେଶ ପକ୍ଷରେ ଏ ପ୍ରକାରରେ ଅଦରକାରୀ ଖର୍ଚ୍ଚ ନିଶ୍ଚୟ ଲାଜର କଥା ।

କଥାକୁ ଆଗକୁ ବେଶୀ ବଢ଼ାଇବା ନାହିଁ । ଆମେ ମୋଟାମୋଟି କହି ଦେଇପାରିବା ଯେ, ଆମେ କେତେ ବିଦେଶୀ ମୁଦ୍ରା ଆୟ କରିପାରିବା ହିସାବ ନ କରି ମନଇଚ୍ଛା ଖର୍ଚ୍ଚ ବଢ଼ାଇ ଚାଲିଛେ । ୧୯୮୮-୮୯ରେ ବେପାରରେ ଆମର କ୍ଷତି ଥିଲା ୧୪,୦୦୦ କୋଟି ଟଙ୍କା । ବିଦେଶରେ ଥିବା ଭାରତୀୟମାନେ ଦେଶକୁ ପଠାଇଥିବା ଟଙ୍କା ହିଁ ଏହି ଆମଦାନୀ ଜନିତ କ୍ଷତିର କିଛିଟା ଭରଣା କରିଥିଲା । କିନ୍ତୁ ୧୯୮୮-୮୯ରେ ଭାରତର ବୈଦେଶିକ ମୁଦ୍ରା ବିନିମୟ ଖର୍ଚ୍ଚ ନିଜ ଆୟଠୁଁ ୧୦,୦୦୦ କୋଟି ଟଙ୍କା ଅଧିକ ହୋଇଗଲା । ଏହା ଖାଲି ୧୯୮୮-୮୯ର କଥା ନୁହେଁ । ବହୁଦିନ ହେଲା ଏପରି ଚାଲିଛି । ଆମେ ଏତେ ଦିନ ହେଲା ଆୟଠୁ ଅଧିକ ବ୍ୟୟ କରି କିପରି ଚାଲିଛେ ? ଉତ୍ତରଟା ଭାରି ସହଜ- ଆମେ ବିଦେଶୀଙ୍କଠୁଁ କରଜ ଆଣୁଛେ ।

ଭାରତର ଋଣ ଭାର:

ଯେଉଁ ଦେଶ ବର୍ଷ ପରେ ବର୍ଷ ଏପରି ଋଣ ଆଣି ନିଜ କାମ ଚଳାଉଛି ତାହାର ଅବସ୍ଥା କ'ଣ ହେବ ? ତଳ ତାଲିକାରୁ ଏହିପରି ଏକ ଦେଶର ଅବସ୍ଥା କିପରି ହେବ ତାହା ଅନୁମାନ କରିହେବ । ଏହା ଏକ ଋଣ ନେଉଥିବା ଦେଶ । ଧରାଯାଉ ଏ ଦେଶଟି କୌଣସି ବିଦେଶୀ ସଂସ୍ଥା ଠାରୁ ୧୦୦୦ କୋଟି ଟଙ୍କା ଋଣ ନେଇଛି, ଏହା ତାକୁ ୨୦ ବର୍ଷ ଭିତରେ ଶୁଝିବାକୁ ପଡ଼ିବ । ଏମିତି ବି କୁହାଯାଇପାରେ ଯେ ସେ ପ୍ରତି ବର୍ଷ ୫୦ କୋଟି ଟଙ୍କା ହିସାବରେ ଶୁଝିବ । ସୁଧହାର ବର୍ଷକୁ ଶତକଡ଼ା ୧୦ ଭାଗ । ତଳ ସାରିଣୀଟିକୁ ଦେଖନ୍ତୁ । ଏଥିରେ ଦେଖାଯାଇଛି, ଋଣ କିପରି ଶୁଝାଯାଉଛି ଓ ୧୦ ବର୍ଷ ଭିତରେ ଏକ ହଜାର କୋଟି ଟଙ୍କା ପାଇଁ କେତେ ସୁଧ ଦେବାକୁ ପଡୁଛି ।

Digitized by srujanika@gmail.com

ଋଣ ଯନ୍ତାର ଏକ ନମୂନା: (କୋଟି ଟଙ୍କାରେ ହିସାବ)

ବର୍ଷ ୧	ନୂଆଋଣ (୨)	ସୁଧ (୩)	ଫେରାହେବ (୪)	ଋଣ ଫେରାହେବ (୫)	ବାକିଋଣ (୬)	ମୋଟ ଋଣ (୭)
୧	୧୦୦୦	୧୦୦	୫୦	୧୫୦	୮୫୦	୯୫୦
୨	୧୦୦୦	୧୯୫	୧୦୦	୨୯୫	୭୦୫	୧୮୫୦
୩	୧୦୦୦	୨୮୫	୧୫୦	୪୩୫	୫୬୫	୨୭୦୦
୪	୧୦୦୦	୩୭୦	୨୦୦	୫୭୫	୪୩୦	୩୫୦୦
୫	୧୦୦୦	୪୫୦	୨୫୦	୭୦୦	୩୦୦	୪୨୫୦
୬	୧୦୦୦	୫୨୫	୩୦୦	୮୨୫	୧୭୫	୪୯୫୦
୭	୧୦୦୦	୫୯୫	୩୫୦	୯୪୫	୫୫	୫୬୦୦
୮	୧୦୦୦	୬୬୦	୪୦୦	୧୦୬୦	-୬୦	୬୨୦୦
୯	୧୦୦୦	୭୨୦	୪୫୦	୧୧୭୦	-୧୭୦	୬୭୫୦
୧୦	୧୦୦୦	୭୭୫	୫୦୦	୧୨୭୫	-୨୭୫	୭୨୫୦

ପ୍ରଥମ ବର୍ଷ ଦେଶ ପାଇଥିବା ୧୦୦ କୋଟି ଟଙ୍କା ଋଣରୁ ବିଦେଶୀଙ୍କୁ ସୁଧ ଆକାରରେ ଦେବ ୧୦୦ କୋଟି ଟଙ୍କା ଏହା ସହ ମୂଳ ଋଣରୁ ୫୦ କୋଟି ଟଙ୍କା ବି ଶୁଝିବାକୁ ହେବ । ତେଣୁ ମୋଟ ଦେୟ ହେବ ୧୫୦ କୋଟି ଟଙ୍କା । ଏତିକି ଦେବାପରେ ଦେଶ ପାଏ ୮୫୦ କୋଟି ଟଙ୍କା ।

ଦ୍ୱିତୀୟ ବର୍ଷ ବି ଦେଶଟି ୧୦୦୦କୋଟି ଟଙ୍କା ଋଣ ନିଏ, ଏବେ କିନ୍ତୁ ଦେୟ ହେଉଛି ୨୯୫ କୋଟି ଟଙ୍କା । ତେଣୁ ଦେଶ ୧୦୦୦ କୋଟି ଟଙ୍କା ଋଣ କରିପାଏ ୭୦୫ କୋଟି ଟଙ୍କା ।

ଏପରି ଆମେ ତାଲିକାରୁ ଦେଖିପାରିବା, ବର୍ଷ ପରେ ବର୍ଷ ଯିବା ଦେୟ ପରିମାଣ ବି ବଢିଚାଲେ । ୭ ବର୍ଷ ବେଳକୁ ଦେୟ ପରିମାଣ ୯୪୫ କୋଟି ଟଙ୍କା ହୋଇଯାଏ । ସେ ବର୍ଷ ପୁଣି ୧୦୦୦ କୋଟି ଟଙ୍କା ଋଣ କରି ଦେଶ ପାଏ ମାତ୍ର ୫୫ କୋଟି ଟଙ୍କା । ଅଷ୍ଟମ ବର୍ଷକୁ ଅବସ୍ଥା ଆହୁରି ଖରାପ । ନୂଆ କରି କରାଯାଉଥିବା ୧୦୦୦ କୋଟି ଟଙ୍କା ଋଣ ଏପରିକି ଦେୟ ଭାର ବି

Digitized by srujanika@gmail.com

ଶୁଝି ପାରେ ନାହିଁ, ଆଗର ଋଣ ଶୁଝିବା ପାଇଁ ଦେଶକୁ ଆଉ କେଉଁଠୁ ୬୦ କୋଟି ଟଙ୍କା ଆଣି ଦେବାକୁ ହୁଏ । ଏପରି ଦେୟ ଭାର ବର୍ଷକୁ ବର୍ଷ ବଢ଼ିଚାଲେ । ୧୦ ବର୍ଷ ବେଳକୁ ଦେଶକୁ ଆଉ କେଉଁଠାରୁ ୨୭୫ କୋଟି ଟଙ୍କା ଯୋଗାଡ଼ କରିବାକୁ ପଡ଼େ । ପୁଣି ବେଡ଼ି ଉପରେ କୋରଡ଼ା ଭଳି ଏହାକୁ ଛାଡ଼ି ଦେଶକୁ ଆହୁରି ୭୨୫୦ କୋଟି ଟଙ୍କାର ମୂଳଧନ ବି ଶୁଝିବାକୁ ପଡ଼େ । ଋଣ ନେଇ ଅସୁବିଧାରେ ପଡ଼ିବାରେ ଆମ ଦେଶ ଏକ ବିଶେଷ ଉଦାହରଣ ।

ଉପରର ଏହି ସରଳ ଉଦାହରଣଟି ଅସଙ୍ଗତ ଲାଗିପାରେ । କିନ୍ତୁ ଏବେର ପୃଥିବୀର ଏହା ଏକ ସତ ପ୍ରତିଫଳନ ଅଟେ । ୧୯୮୧ ମସିହା ପରଠାରୁ ପ୍ରତିବର୍ଷ ସବୁ ଅନୁନ୍ନତ ଦେଶଙ୍କ ଅବସ୍ଥା ଏହି ପ୍ରକାରର । ସେମାନେ ଉନ୍ନତ ଦେଶଙ୍କଠୁ ନେଇଥିବା ଋଣଠୁ ତାଙ୍କ ଦେୟ ପରିମାଣ ଓ ସୁଧ ବଳିପଡ଼ିଛି ।

ପ୍ରକୃତରେ ଭାରତ ଏଯାଏଁ ଏପରି ଏକ ସଙ୍କଟମୟ ପରିସ୍ଥିତିରେ ପହଞ୍ଚି ନାହିଁ । ଆମେ ଏ ଯାଏଁ କରିଥିବା ଋଣର ସୁଧ ଓ ଦେୟଭାର ବର୍ଷ ପରେ ବର୍ଷ ବଢ଼ିଚାଲିଛି । ଚଳିତ ବର୍ଷ ଏହା ୧୩,୦୦୦ କୋଟିରୁ ଅଧିକ ବୋଲି ଆଶା କରାଯାଉଛି । ଆମର ରପ୍ତାନୀରୁ ଆମେ ଯାହା ଆୟ କରୁଛେ ଏହା ତା'ର ଶତକଡ଼ା ପ୍ରାୟ ୩୦-୩୫ ଭାଗ । ଆମର ଆୟ ଅପେକ୍ଷା ବ୍ୟୟ ଯଥେଷ୍ଟ ଅଧିକା । ତେଣୁ ଏହାକୁ ଭରଣା କରିବାପାଇଁ ଆମେ ବାଧ୍ୟ ହୋଇ ବିଦେଶରୁ ମୋଟା ପରିମାଣର ଟଙ୍କା କରଜ ଆଣୁଛେ ।

ଅଶୀ ଦଶକରେ ଆମ ବିଦେଶୀ ଋଣ ପ୍ରବଳ ବେଗରେ ବଢ଼ିଚାଲିଥିଲା । ଗୋଟିଏ ପଟେ ଅଧିକ ଆମଦାନୀ ପାଇଁ ଆମେ ଅଧିକରୁ ଅଧିକ ଋଣ କରି ଚାଲିଛେ । ଆଉ ପଟେ ଆମର ଦେୟ ଭାରକୁ ଭରଣା କରିବାପାଇଁ ଆମେ କରଜ ଆଣିବାକୁ ବାଧ୍ୟ ହେଉଛେ । ଫଳରେ ମୋଟ ଋଣ ଭାର ଜୋର୍‌ରେ ବଢ଼ି ଚାଲିଛି । ୧୯୮୦ରେ ଆମର ବିଦେଶୀ ଋଣଭାର ଥିଲା ୨୦୦୦ କୋଟି ଡଲାର । ଜୁନ୍ ୧୯୯୧ ବେଳକୁ ଏହା ବଢ଼ି ୭୨୦୦ କୋଟି ଡ଼ଲାର୍ ବା ପ୍ରାୟ ୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲା ।

Digitized by srujanika@gmail.com

ବ୍ରାଜିଲ୍ ଓ ମେକ୍ସିକୋ ପରେ ଭାରତ ହେଉଛି ତୃତୀୟ ସବୁଠାରୁ ଅଧିକ ଋଣଗ୍ରସ୍ତ ବିକାଶଶୀଳ ଦେଶ । ଆଜି ଭାରତର ପ୍ରତ୍ୟେକ ପରିବାର ଉପରେ ବିଦେଶୀ ଋଣଭାର ୧୦,୦୦୦ ଟଙ୍କାରୁ ବେଶୀ । ପ୍ରତିବର୍ଷ ମୋଟା ଅଙ୍କର ନୂଆ ଋଣ ନ ଆଣିଲେ ଆମେ ଏହାକୁ ଶୁଝିପାରିବା ନାହିଁ ।

ଆମର ଶାସକମାନେ ଏହାର ଏକ ବିକଳ୍ପ ଖୋଜିଲେ । ତା ହେଲା, ଯେଉଁ ଭାରତୀୟମାନେ ବିଦେଶରେ ଅଛନ୍ତି ସେମାନଙ୍କୁ ଭାରତୀୟ ବିଭିନ୍ନ କଳକାରଖାନା ଆଦିରେ ପୁଞ୍ଜି ଲଗାଇବାପାଇଁ ଉତ୍ସାହିତ କରିବେ । କିନ୍ତୁ ଏହାର ଫଳ କ'ଣ ହେଲା ? ଏହି ବିଦେଶୀ ଭାରତୀୟମାନେ ପ୍ରଥମଶ୍ରେଣୀ ନାଗରିକ ବନିଗଲେ । ଅନ୍ୟମାନେ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ଗଣାହେଲେ । ଏପରି ବିଚାର କରି ନୂଆ ଋଣ ନ ଆଣିବାରୁ ଅବସ୍ଥା ଆହୁରି ଖରାପ ହୋଇଗଲା । ବିଦେଶୀମାନେ ଆମକୁ ଆଉ ଅଧିକ ଋଣ ଦେବାକୁ ଇଚ୍ଛାକଲେ ନାହିଁ । ଏହି ଅବସ୍ଥାରେ ବିଦେଶୀ ଭାରତୀୟ ପୁଞ୍ଜିପତିମାନେ ନିଜ ଟଙ୍କା ଉଠାଇନେଲେ । ତାଙ୍କୁ ଦିଆଯାଇଥିବା କୋହଳ ସୁଯୋଗ ଆମ ପାଇଁ ଅସୁବିଧାର କାରଣ ହେଲା । ଏପ୍ରିଲ୍‌ରୁ ଜୁନ୍ ୧୯୯୧ ମସିହା ମଧ୍ୟରେ ସେମାନେ ୯୫୨୦ ଲକ୍ଷ ଡଲାର ଅର୍ଥ ବାହାର କରିନେଲେ । ସରକାର ଏବେ ବଡ଼ ଅଡୁଆ ପରିସ୍ଥିତିରେ ପଡ଼ିଲେ । ଏହା ହେଲା ଆଜିର ଅର୍ଥନୈତିକ ସଙ୍କଟର ମୁଖ୍ୟକାରଣ । ଏବେ ଆମେ ବିଦେଶୀ ଅନୁଦାନକୁ ବଡ଼ ବିକଳ ହୋଇ ଅନାଇ ବସିଛେ । ବାସ୍ତବିକ୍ ସ୍ୱଦେଶୀ ଓ ସ୍ୱାବଲମ୍ବୀ ଚିନ୍ତାଧାରାର ପ୍ରଚାର କରୁଥିବା ଭାରତର ଅବସ୍ଥା କେଡ଼େ ଦୟନୀୟ !

ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ (ଆଇ.ଏମ୍.ଏଫ୍.)

ଭାରତ ସରକାର ଏବେ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକରେ ବିଶ୍ୱାସ ଜନ୍ମାଇବାପାଇଁ ଆଖିବୁଜା ଚେଷ୍ଟା ଚଳାଇଛନ୍ତି । ବିଶେଷ କରି, ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ସହ ବୁଝାମଣା ପାଇଁ ବେଶୀ ଚେଷ୍ଟା ଚାଲିଛି । ଏହି ସୁଯୋଗରେ ମୁଦ୍ରାକୋଷ ଆମ ଉପରେ ଯାହା ବି ସର୍ତ୍ତ ରଖୁଛି, ଆମେ ତାକୁ ଅନେକାଂଶରେ

Digitized by srujanika@gmail.com

ମାନିନେବାକୁ ବାଧ ହେଉଛେ । ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସିଧା ବା ପରୋକ୍ଷ ଭାବରେ ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ବଢ଼ିବାରେ ଲାଗିଛି । ଏହି ସଂସ୍ଥା କଣ ? ଏହା କ'ଣ ପାଇଁ ଏପରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ?

ଆଇ.ଏମ୍.ଏଫ୍. ଏକ ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କ୍ । ଭାରତ ସହିତ ସବୁ ଦେଶ ଏହାର ସଦସ୍ୟ ଅଟନ୍ତି । କିନ୍ତୁ ଏହା ଅନ୍ୟ ବ୍ୟାଙ୍କ୍ ପରି ବ୍ୟାଙ୍କିଙ୍ଗ୍ ବ୍ୟବସାୟ କରେ ନାହିଁ । ଯେଉଁ ଦେଶଗୁଡ଼ିକ ମୁଦ୍ରାସଙ୍କଟରେ ପଡ଼ନ୍ତି, ସେମାନଙ୍କ ପାଇଁ ଆଇ.ଏମ୍.ଏଫ୍. ଆଶାର ଭରସା ହୋଇଥାଏ । ଏହାର ନିୟମାବଳୀରେ ଲେଖାଯାଇଛି, କରଜ ନେଉଥିବା ଦେଶକୁ ନିଜ ଆର୍ଥିକ ସଙ୍କଟ ସୁଧାରିବା ଲାଗି ଏହା କିଛି ପରାମର୍ଶ ଦେଇପାରିବ । ଏହି ପରାମର୍ଶକୁ ମାନିଲେ ଆଗକୁ ପୁଣି କିଛି କରଜ ମିଳିବାର ସୁଯୋଗ ମିଳିଥାଏ । ଏହା ଉଲ୍ଲେଖନୀୟ ଯେ ଏହି ମୁଦ୍ରାକୋଷର ନିୟମାବଳୀ ମୁଖ୍ୟତଃ ଆମେରିକା ଦ୍ୱାରା ନିର୍ଦ୍ଧାରିତ ହୁଏ ଓ କିଛି ପରିମାଣରେ ଅନ୍ୟ ବିକଶିତ ଦେଶଙ୍କ ଦ୍ୱାରା ହୁଏ । ଫଳରେ ଏହି ନିୟମତକ ବିକାଶଶୀଳ ଦେଶଙ୍କ ହିତ ଅପେକ୍ଷା ଆମେରିକାର ସାର୍ବଭୌମିକ ହିତର ସୁରକ୍ଷା କରିବାରେ ବେଶୀ ସାହାଯ୍ୟ କରେ ।

ଏହି କଥା ଆଇ.ଏମ୍.ଏଫ୍.ର ଭଉଣୀ ବିଶ୍ୱବ୍ୟାଙ୍କ୍ ପାଇଁ ମଧ୍ୟ ପ୍ରାୟ ଏକା । ବିଶ୍ୱବ୍ୟାଙ୍କ୍ କେତେକ ନିର୍ଦ୍ଦିଷ୍ଟ କାମ ପାଇଁ ଋଣ ଦିଏ । ଏଥିପୂର୍ବରୁ ସେ କେତେ ଗୁଡ଼ିଏ ନୀତି ନିର୍ଦ୍ଧାରଣ କରେ ଓ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବାରେ ବି ବିଭିନ୍ନ ସର୍ତ୍ତ ରଖେ ।

ଗତ ତିନି ଶତକରୁ ଅଧିକ ସମୟ ଧରି ଗୋରା ସାମ୍ରାଜ୍ୟବାଦୀମାନେ ମଣିଷଜାତିକୁ ସଭ୍ୟ କରିବା ନାଁରେ ଶାସନ କରିଚାଲିଥିଲେ ଏବେ ଆଇ.ଏମ୍.ଏଫ୍. ଓ ବିଶ୍ୱବ୍ୟାଙ୍କ୍ ସେପରି ବିଭିନ୍ନ ଦେଶ ଉପରେ ନିଜ ଶାସନ ଚଳାଇଛନ୍ତି । ବିଶ୍ୱ୍ୟାବ୍ୟଙ୍କ୍ ଓ ଆଇ.ଏମ୍.ଏଫ୍ ଦେଉଥିବା ଋଣର ପରିମାଣ ମୋଟ ଆନ୍ତର୍ଜାତିକ ଋଣର ଏକ ଛୋଟ ଅଂଶ । ଉଦାହରଣ ସ୍ୱରୂପ: ଭାରତର ମୋଟ ଋଣରୁ ଆଇ.ଏମ୍.ଏଫ୍.ର ଭାଗ ହେଉଛି ଶତକଡ଼ା ମାତ୍ର ୩ ଭାଗ ।

Digitized by srujanika@gmail.com

ସିଧାସଳଖ ଋଣ ଦେବାଯୋଗୁଁ ଯେତିକି ନୁହେଁ, ତା'ଠୁ ବେଶୀ ଆନ୍ତର୍ଜାତିକ ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବାରୁ ଏହା ଏତେ ପ୍ରଭାବଶାଳୀ ହୋଇପାରିଛି ।

୧୯୮୦ ପର ଠାରୁ ଏହାର ଏହି ଆର୍ଥିକ ନିୟନ୍ତ୍ରଣ କ୍ଷମତା କେତେଗୁଣ ବଢ଼ିଯାଇଛି । ଏହାର ଦୁଇଟି କାରଣ ଅଛି । ପ୍ରଥମରେ, ପୂର୍ବ ୟୁରୋପ ସମାଜବାଦୀ ବ୍ଲକ୍‌ର ଏବେ ଆଉ ଅସ୍ତିତ୍ୱ ଆଉ ନାହିଁ । ଏଥିପାଇଁ ଆମେରିକାର ସାମ୍ରାଜ୍ୟବାଦୀ ମନୋଭାବକୁ ବିରୋଧ କରିବାପାଇଁ ଅନ୍ୟ କାହାର କ୍ଷମତା ପ୍ରାୟ ନାହିଁ । ଦ୍ୱିତୀୟ କାରଣ୍ ହେଉଛି: ବହୁଦେଶୀୟ ବ୍ୟାଙ୍କ୍‌ଗୁଡ଼ିକ ଆଇ.ଏମ୍.ଏଫ୍.ର ସହାୟତା କରିବା ଲାଗି ଆଗେଇ ଆସୁଛନ୍ତି । ଏହି ବ୍ୟାଙ୍କ ସବୁ ତୃତୀୟ ବିଶ୍ୱର ଦେଶଗୁଡ଼ିକୁ ଯଥେଷ୍ଟ କରଜ ଦେଇଛନ୍ତି । ଅଶୀ ଦଶକ ଆରମ୍ଭ ବେଳକୁ ଏଥିରୁ ଅଧିକାଂଶ ଋଣଗ୍ରସ୍ତ ଦେଶ ଋଣ ଭାରରେ ଏତେ ବୁଡ଼ି ସାରିଥିଲେ ଯେ, ସେମାନେ ଋଣ ଶୁଝିପାରିବାର ଆଶା ପ୍ରାୟ ନ ଥିଲା । ଏତେ ଅଧିକ ପରିମାଣର କରଜ ଦେଇଥିବାରୁ ତାହା ଏହି ବ୍ୟାଙ୍କ୍ ଗୁଡ଼ିକର ମୁଣ୍ଡବିନ୍ଧାର କାରଣ ହୋଇସାରିଥିଲା । ଏହି ପରିସ୍ଥିତିରେ ଆଇ.ଏମ୍.ଏଫ୍ ଜଣେ ରକ୍ଷାକାରୀ ଓ ସଂଯୋଜକ ଭାବରେ ଋଣ ଦେଇ ଋଣ ଶୁଝିବା କାମରେ ସାହାଯ୍ୟ କରିବାକୁ ଆଗେଇ ଆସିଛି । ତେଣୁ ଅନ୍ୟ ବ୍ୟାଙ୍କ୍ ଗୁଡ଼ିକ ନିଜ ଟଙ୍କା ଆଦାୟ ପାଇଁ ଆଇ.ଏମ୍.ଏଫ୍. ସହ ଯୋଗାଯୋଗ ରଖିବାକୁ ହାତ ବଢ଼ାଇଛନ୍ତି ।

୧୯୮୧ ମସିହାରେ ଆଇ.ଏମ୍.ଏଫ୍. ସହ ଭାରତର ଗୋଟିଏ ଚୁକ୍ତି ହୋଇଥିଲା । ଏହା ଦ୍ୱାରା ଭାରତକୁ ଆନ୍ତର୍ଜାତିକ ଆର୍ଥିକ ସହାୟତା ପାଇଁ ସବୁତକ ରାସ୍ତା ଖୋଲିଗଲା । ଭାରତରେ ଆରମ୍ଭ କରାଯାଇଥିବା ସବୁ ନୂଆ ଅର୍ଥନୈତିକ ଯୋଜନାକୁ ଆଇ.ଏମ୍.ଏଫ୍ ସେତେବେଳେ ସ୍ୱୀକୃତି ବି ଜଣାଇଥିଲା । ଏ ଯାଏଁ ଯେଉଁ କମ୍ପାନୀ ସବୁ ଭାରତରେ ପୁଞ୍ଜି ଲଗାଇବାକୁ କୁଣ୍ଠିତ ଥିଲେ ସେମାନେ ଏହି ଚୁକ୍ତି ପରେ ଭାରତରେ ପୁଞ୍ଜି ଲଗାଇବାକୁ ଆଗେଇ ଆସିଲେ । ଏହି କମ୍ପାନୀ ଗୁଡ଼ିକ ଭାରତରେ ପାଦ ଦେବାରୁ ଭାରତର ଚାହିଦା ବଢ଼ିଗଲା । ଆଇ.ଏମ୍.ଏଫ୍. ଓ ବିଶ୍ୱବ୍ୟାଙ୍କ୍ ଭାରତକୁ ବଡ଼ ବଡ଼ କରଜ

Digitized by srujanika@gmail.com

ଦେଲେ ଯେପରିକି ଭାରତ ଅଧିକ ଆମଦାନୀ କରିପାରିବ ଓ ତଥାକଥିତ "ସନ୍‌ରାଇଜ୍ (ଉଦୟମାନ) ଉଦ୍ୟୋଗ" ଗୁଡ଼ିକୁ ଉତ୍ସାହିତ କରିହେବ ।

ଆମ ପାଇଁ ଏହା ଆର୍ଥିକ ବିକାଶ ଓ କ୍ଷମତାର ମିଛ ମରୀଚିକା ପଛରେ ଧାଇଁବା ଭଳି ହେଲା । ସେତେବେଳେ ଭାରତର ଆର୍ଥିକ ବିକାଶକୁ ଆନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରଶଂସା କରାଗଲା । କିନ୍ତୁ ଆଜି ଆମେ ବୁଝିପାରୁଛେ ଯେ, ଅଶୀ ଦଶକର ଏହି ପରଖ ଭାରତର ଭବିଷ୍ୟତକୁ ବନ୍ଧା ରଖିଲା ଭଳି ହେଲା । ଏହି ଜୁଆ ଖେଳରେ ଆମେ ହାରିଗଲେ ।

ଉଧାର ନେବାର ଲାଳସାରେ ପଡ଼ି ଭାରତର ନୀତି ନିର୍ଦ୍ଧାରକମାନେ ଭୁଲିଗଲେ ଯେ ଦିନେ ଆମକୁ ଏହି କରଜ ଶୁଝିବାକୁ ପଡ଼ିବ । ୧୯୯୦ ମସିହା ଅଗଷ୍ଟ ମାସରେ ଭାରତରେ ବଜ୍ର ପଡ଼ିଲା ଭଳି ହେଲା । କ୍ରମେ ବିଶ୍ୱବ୍ୟାଙ୍କ୍ ଓ ଆଇ.ଏମ୍.ଏଫ୍. ଦ୍ୱାରା ଆରୋପିତ ସର୍ତ୍ତକୁ ଭାରତ ଆଉ ପାଳି ପାରିଲା ନାହିଁ । ନିର୍ବାଚନ ସମୟ ଯୋଗୁଁ ନେତାମାନେ ଏହି ଦୁଇ ସଂସ୍ଥାର କଟକଣା ଲାଗୁ କରିବାକୁ ସାହସ କଲେନି । ଏହି କାରଣରୁ ଏ ଦୁହିଁଙ୍କ ମନ ତୁଟିଗଲା । ଫଳରେ ଆଉ ନୂଆ କରଜ ମିଳିବାଟା କଠିନ ହେବାରେ ଲାଗିଲା । ହଠାତ୍ ଭାରତର ଦାମ୍ ଓ ଗୁରୁତ୍ୱ ପୁଣି କମିଗଲା । କିଛି ନ ଜଣାଇ ସେମାନେ ସବୁ ସହାୟତା ବାଦ କରିଦେଲେ । ଅନ୍ୟ କୌଣସି ସଂସ୍ଥା ବି କରଜ ଦେବାକୁ ରାଜି ହେଲେ ନାହିଁ । ପରିସ୍ଥିତି ନାଟକୀୟ ଭାବେ ବଦଳିଗଲା । ସମସ୍ତେ ନିଜ ଋଣ ଶୀଘ୍ର ଶୁଝିଦେବା ପାଇଁ ଆମ ଉପରେ ଚାପ ପକାଇଲେ । ଅବସ୍ଥା ଗମ୍ଭୀର ହୋଇଗଲା ।

୧୯୮୧ ତୁଳନାରେ ଏବେ ଋଣଦାତାମାନେ ବହୁତ କଠୋର ଜଣାପଡ଼ିଲେ । ଆଇ.ଏମ୍.ଏଫ୍. ଭାଚତର କୌଣସି ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହେଲାନି । ନୂଆ ଋଣ ଦେବା ପାଇଁ ସେମାନେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କାମ ଓ ସର୍ତ୍ତ ମାନିବାକୁ ବାଧ୍ୟକଲେ । ଏହି ପରିସ୍ଥିତିରେ ନୂଆ ମନ୍ତ୍ରୀମାନେ ପରିସ୍ଥିତିକୁ ଆହୁରି ଖରାପ କରିଦେଲେ । ସବୁତକ କାଗଜପତ୍ର ପଢ଼ିବା ପାଇଁ ତାଙ୍କ ପାଖରେ

Digitized by srujanika@gmail.com

ସମୟ ବି ନ ଥିଲା । ଅଥଚ ଆଖିବୁଜି ସେମାନେ ଗୁଡ଼ାଏ ଭୁଲ କରିପକାଇଲେ । ଆଇ.ଏମ୍.ଏଫ୍.ର କର୍ମକର୍ତ୍ତା ଓ ତାଙ୍କ ଭାରତୀୟ ଚେଲାମାନେ ଯେଉଁ କାଗଜପତ୍ର ପ୍ରସ୍ତୁତ କରି ରଖି ଯାଇଥିଲେ ସେଥିରେ ଅର୍ଡ଼ର କରିଦେଲେ। ଏହା ଏକ ବିରାଟ ଚକ୍ରାନ୍ତ ଥିଲା । ଏଥର ଆମେ ଦେଖିବା ଭାରତରେ ଯେଉଁ ଅଦଳ ବଦଳ ହୋଇଗଲା ତାର ରୂପରେଖ କିପରି ? ଏହା ପଛରେ କାରଣ କ'ଣ ? ଏହା ଦେଶକୁ କେଉଁ ବାଟରେ ଆଗେଇ ନେବ ?

ବେପାରରେ ସୁଧାର

ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ଥିବା ନାନା କଟକଣାକୁ ହଟାଇଦେବା ହେଉଛି ଏହି ବେପାର ସମ୍ବନ୍ଧୀୟ ସୁଧାରର ମୁଖ୍ୟ ଉଦ୍ଦେଶ୍ୟ । ଦ୍ୱିତୀୟ ଲକ୍ଷ୍ୟ ହେଉଛି, ସବୁ ପ୍ରକାରର ଆମଦାନୀ ଉପରେ ୭ ବର୍ଷ ମଧ୍ୟରେ ଆମଦାନୀ ଶୁଳକ୍‌କୁ ଶତକଡ଼ା ୩୦ ଭାଗକୁ କମାଇଦେବା । ଏହି ଦିଗରେ କେତେକ ପଦକ୍ଷେପ ନିଆସରିଛି । ଏଥିରେ ଏପରି ଉଦାରତା ଦେଖାଇଲେ, ତା'ର କ'ଣ ପ୍ରଭାବ, ପଡ଼ିବ ତାହା ଅଜଣା ନୁହେଁ । ଆମର ଆମଦାନୀ ନିଶ୍ଚିତ ଭାବେ ବଢ଼ିବ । କିନ୍ତୁ ସେହି ଅନୁପାତରେ ରପ୍ତାନୀ ବି ବଢ଼ିବ ବୋଲି କହିହେବ ନାହିଁ । ଆମେ ଖାଲି ଆମଦାନୀ ବଢ଼ାଇବାକୁ ଚାହିଁଦେଲେ, ଆମଦାନୀ ତ ଛାଏଁ ଛାଏଁ ବଢ଼ିଯିବନି । ଆମଠୁ ଜଣେ କିଏ ରପ୍ତାନୀ କରିବାକୁ ଚାହିଁବା ବି ଦରକାର । ଆମେ ଏପରି ଏକ ସମୟରେ ଅଛେ ଯେ, ପାଶ୍ଚାତ୍ୟ ଦୁନିଆଁରେ ଆମଠୁଁ ଆମଦାନୀ କରିବାକୁ କେହି ଚାହୁଁ ନାହାନ୍ତି । ଫଳରେ ଆମର କ୍ଷତି ଅଧିକ ହେବ ଓ ଆମ ବିଦେଶୀ ମୁଦ୍ରା ସଙ୍କଟ ଆହୁରି ବଢ଼ିଯିବ ।

ଏହି ବିଶ୍ଳେଷଣ ସହ ଆଇ.ଏମ୍.ଏଫ୍. ମଧ୍ୟ ପୂରା ଏକମତ । ଏହି ସମସ୍ୟାର ଯେଉଁ ସମାଧାନ ପନ୍ଥା ସେମାନେ ଆମପାଇଁ ରଖିଛନ୍ତି, ତା' ହେଲା ଟଙ୍କାର ମୂଲ୍ୟ କମାଇବା । ମେ' ୧୯୯୧ରେ ଡଲାରର ମୂଲ୍ୟ ଥିଲା ତେଇଶ ଟଙ୍କା । ଏବେ ଟଙ୍କାର ମୂଲ୍ୟ କମିବା ପରେ ଡଲାରର ମୂଲ୍ୟ ହେଉଛି ଛତିଶ ଟଙ୍କା । ଡଲାର୍ ତୁଳନାରେ ଟଙ୍କାର ମୂଲ୍ୟ କମିଯାଇଛି । ଆଉ ଟଙ୍କା ତୁଳନାରେ

Digitized by srujanika@gmail.com

ଡଲାର୍‌ର ମୂଲ୍ୟ ବଢ଼ିଯାଇଛି । ଏହି ହିସାବଟା ବଡ଼ ସହଜ । ଯେତେବେଳେ ଦାମ ବଢ଼ିଯାଏ, ଚାହିଦା କମିଯାଏ, ଡଲାରର ମୂଲ୍ୟ ୨୩ ଟଙ୍କାରୁ ୩୬ ଟଙ୍କାକୁ ବଢ଼ିଯାଇଚି, ଏହି ହିସାବରେ ଡଲାର୍‌ର ଚାହିଦା କମ୍ ହେବା ଦରକାର । ଆମେ ଭାରତୀୟମାନେ କମ୍ ଆମଦାନୀ କରୁଛେ । ଯେଉଁ ଜିନିଷଟି ଆମେ ଆଗରୁ ୨୩ ଟଙ୍କା ଦେଇ ପାଇପାରୁଥିଲେ ଟଙ୍କା ମୂଲ୍ୟ କମିବା ପରେ ତା'ର ଦାମ୍ ଏବେ ଛତିଶ ଟଙ୍କା । ଅପର ପକ୍ଷରେ ଭାରତରୁ ରପ୍ତାନୀ, ବଢ଼ିଯିବ । ଟଙ୍କା ମୂଲ୍ୟ କମିବା ଆଗରୁ, ବିଦେଶୀ ଜଣେ ଡଲାରଟିଏ ଦେଇ ୨୩ ଟଙ୍କା ମୂଲ୍ୟର ଜିନିଷ କିଣି କରି ପାରୁଥିଲେ । ଏବେ ସେ ସେହି ଏକ ଡଲାର୍ ଦେଇ ଛତିଶ ଟଙ୍କାର ଜିନିଷଟିଏ ପାଇବେ ।

କିନ୍ତୁ ବାସ୍ତବିକ କ୍ଷେତ୍ରରେ ଏହି ହିସାବ ଠିକ୍ କାମ ଦିଏ ନାହିଁ । ଆମେ ଆମଦାନୀ କରୁଥିବା ପେଟ୍ରୋଲ୍, ଅସ୍ତ୍ରଶସ୍ତ୍ର, ସାର ଆଦି ସାମଗ୍ରୀର ଦାମ୍ ଯେତେ ବଢ଼ିଲେ ବି ସେଗୁଡ଼ିକର ବ୍ୟବହାର କେବେ କମିନାହିଁ । ଏହାକୁ ବଦଳାଇବା ପାଇଁ କାରିଗରୀ ଉଦ୍ୟୋଗରେ ନାନା ପରିବର୍ତ୍ତନ ଦରକାର ହେବ । ସେପରି ଦାମ୍ ଯେତେ ବଢ଼ିଲେ ବି ମର୍ଯ୍ୟାଦା ପାଇଁ ଲାଳାୟିତ ଧନୀ ଲୋକଙ୍କର ବିଳାସ ସାମଗ୍ରୀ ପ୍ରତି ଝୁଙ୍କ କେବେ କମିବନି । ତେଣୁ ମୂଲ୍ୟ କମିବା ଦ୍ୱାରା କେବଳ ଆମଦାନୀ ଖର୍ଚ୍ଚ ହିଁ ବେଶ୍ ବଢ଼ିଯିବ । କିନ୍ତୁ ରପ୍ତାନୀ ଆମ ହାତରେ ନ ଥିବା ଅନେକ ଜିନିଷ ଉପରେ ନିର୍ଭର କରିବ । ଉଦାହରଣ ହେଉଛି: ଆମେ ଚାହିଁଲେ ଚା, କଫି ଆଦି ଦରକାରୀ ଜିନିଷର ରପ୍ତାନୀ ପରିମାଣକୁ ମନଇଚ୍ଛା ବଢ଼ାଇ ଦେଇ ପାରିବାନି । ଆହୁରି କେତେକ ଜିନିଷ ଅଛି, ଯାହାର ଦାମ୍ ବଦଳିଲେ ବି ସେଗୁଡ଼ିକର ଚାହିଦାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ବିକଶିତ ଦେଶର ଧନୀ ଲୋକମାନେ ଦାମ୍ କମିଗଲା ବୋଲି କିଛି କପ୍ ଚା' ବା କଫି ଅଧିକ ପିଇ ପକାଇବେନି । ଆମର ଟଙ୍କାର ମୂଲ୍ୟ ହ୍ରାସ ଆମ ରପ୍ତାନୀକୁ ବିଶେଷ ପ୍ରଭାବିତ ନ କରିବାର ଆଉ ଏକ ମୁଖ୍ୟ କାରଣ ରହିଲା ଆଇ.ଏମ୍.ଏଫ୍.ର କାମରେ । ଏହା ଅନ୍ୟ ବିକାଶଶୀଳ ଦେଶରେ ବି ମୁଦ୍ରା ଦାମ୍ କମାଇ ଜିନିଷ

Digitized by srujanika@gmail.com

ଦାମ୍ କମାଇବାକୁ ବାଧ୍ୟ କରୁଛି । ତେଣୁ ଆମ ପ୍ରତିଦ୍ୱନ୍ଦ୍ୱୀ ବଜାରରେ ଅଧିକ ଚାହିଦା ବଢ଼ାଇ ଆମ ରପ୍ତାନୀ ବଢ଼ାଇବା ବି ଅସମ୍ଭବ । ଏହିପରି ସବୁ ବିକାଶଶୀଳ ଦେଶ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି । ସବୁ ଉନ୍ନତ ଦେଶ ହିଁ ଏଥିରୁ ଲାଭ ପାଇବେ । ସେମାନେ କମ୍ ଦାମ୍‌ରେ ଅନେକ ଜିନିଷ କିଣିପାରିବେ ।

ଏ ବିଷୟରେ ଆଉ ଅଧିକ ଆଲୋଚନା କରିବା ଦରକାର ନାହିଁ । ଗତକାଲିର ଅନୁଭୂତିକୁ ମନରେ ରଖିବା ହିଁ ଯଥେଷ୍ଟ । ୧୯୮୧ରେ ଗୋଟିଏ ଡଲାରର ମୂଲ୍ୟ ଥିଲା ୧୨ ଟଙ୍କା । ୮୦ ଦଶକରେ ସରକାର କାହାକୁ ନ ଜଣାଇ ଟଙ୍କାର ବିଦେଶୀ ମୂଲ୍ୟ କମାଇ ଦେଲେ । ଏଥିଯୋଗୁଁ ଏହା ଗତ ମେ ମାସ ବେଳକୁ ୩୬ ଟଙ୍କା ହୋଇଗଲା । ଟଙ୍କାର ମୂଲ୍ୟ ଏପରି କମିବା ସତ୍ତ୍ୱେ ଆମର ବେପାରରେ କ୍ଷତି ବଢ଼ି ଚାଲିଲା । ଯଦି ଟଙ୍କାର ମୂଲ୍ୟ ଡଲାର୍ ପିଛା ୧୨ ଟଙ୍କାରୁ କମି ୩୬ ଟଙ୍କାରେ ପହଞ୍ଚିବା ସତ୍ତ୍ୱେ ବି ଏହା କାମ କଲାନି, ତେବେ ଆଉ ମୂଲ୍ୟ କମାଇ ଏହା ଲାଭ କରାଇବ ଆଶା କରିବାଟା ମୂର୍ଖାମୀ ହେବ ।

ଏହି ମୂଲ୍ୟହ୍ରାସ କାମ ନ କରିବାର ଆଉ ଏକ କାରଣ ହେଲା, ଆମ ମୁଦ୍ରାସ୍ଫୀତି । ଟଙ୍କାର ମୂଲ୍ୟ କମିବା ଯୋଗୁଁ ଆମଦାନୀରେ ଯେତେ ଖର୍ଚ୍ଚ ବଢ଼େ, ମୁଦ୍ରାସ୍ଫୀତି ବି ସେତିକି ବଢ଼େ । ଗତ କିଛି ମାସ ମଧ୍ୟରେ ଯେଉଁ ରେକର୍ଡ଼ ପରିମାଣର ଦାମ୍ ବଢ଼ିଛି, ଏହାର ମୁଖ୍ୟ କାରଣ ଟଙ୍କାର ମୂଲ୍ୟ କମିବା । ଭାରତରେ ଦରଦାମ୍ ଯେତିକି ବଢ଼େ, ଦେଶରୁ ରପ୍ତାନୀ ବି ସେତିକି କମିଯାଏ ।

ଆର୍ଥିକ ବିକାଶ ଦର

ଆମକୁ ବତେଇ ଦିଆଯାଇଛି ଯେ, ଟଙ୍କାର ମୂଲ୍ୟହ୍ରାସର ଅଧିକ ପ୍ରଭାବ ପାଇଁ ଆମକୁ କେତେକ ଉପଯୋଗୀ ପଦକ୍ଷେପ ନେବାକୁ ପଡ଼ିବ । ଆଇ.ଏମ୍.ଏଫ୍. ଏହାକୁ ସୁଧାରିବା ନାଁରେ ଭାରତ ଉପରେ କିଛି କଟକଣା ଲଦୁଛି । ଭାରତୀୟ ଅର୍ଥନୀତିର କିଣିବା କ୍ଷମତା କମାଇ ଦେବାପାଇଁ

Digitized by srujanika@gmail.com

କେତେଗୁଡ଼ିଏ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦିଆଯାଇଛି । ଯଦି ଏହା କରାଯାଏ, ତେବେ ଆମ ଆମଦାନୀ କରିବା କ୍ଷମତା ବି କମିଯିବ । ଏହାଦ୍ୱାରା ବେପାରରେ କ୍ଷତି ବି କମ୍ ହେବ ଓ ଜିନିଷପତ୍ରର ଦରଦାମ୍ ବି କମେଇହେବ ।

ନୀତି ନିୟମାବଳୀର ୩ଟି ମୁଖ୍ୟ ଲକ୍ଷ୍ୟ ଅଛି । ପ୍ରଥମଟି ହେଉଛି, କାମିକା ଲୋକଙ୍କର ଆୟ । ଏହା ଯୁକ୍ତି କରାଯାଏ ଯେ, ଏମାନଙ୍କର ଆୟକୁ ଜିନିଷପତ୍ରର ଦାମ ବଢ଼ିବା ସଙ୍ଗେ ସମତାଳରେ ବଢ଼ାଇଦେବା ଠିକ୍ ହେବନି । ତାଙ୍କ ଆୟକୁ ନ ବଢ଼ାଇଲେ ମୁଦ୍ରାସ୍ଫୀତିକୁ ରୋକି ହେବ । ଦରମା କମାଇବା, ଦରମା ସ୍ଥିର ରଖିବା, ଦୈନିକ ଭତ୍ତା ଉପରେ କଟକଣା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବନ୍ଦ କରିବାପାଇଁ ବିଭିନ୍ନ ପଦକ୍ଷେପ ଠିକ୍ କରାଯାଇପାରେ । ସାଧାରଣ ବଣ୍ଟନରେ ସବ୍‌ସିଡ଼ି ବନ୍ଦ କରି ମଧ୍ୟ ମୁଦ୍ରାସ୍ଫୀତିକୁ ରୋକାଯାଇପାରେ ।

ଆଇ.ଏମ୍.ଏଫ୍. ପ୍ରାୟ ସବୁ ଦେଶକୁ ଯେଉଁ ପଲିସି ପ୍ୟାକେଜ୍ ଦେଇଛି ସେଥିରେ ସବୁଠୁ ପ୍ରଭାବଶାଳୀ ମତଟି ହେଲା, କାମ କରୁଥିବା ଲୋକଙ୍କର ବଞ୍ଚିବା ମାନକୁ କମାଇଦେବା । ଲାଟିନ୍ ଆମେରିକାର ଦେଶଗୁଡ଼ିକରେ ଆଇ.ଏମ୍.ଏଫ୍. ଓ ବିଶ୍ୱବ୍ୟାଙ୍କର ନିୟମ ମାନିବା ପରେ ଲୋକଙ୍କର ଦରମା ୧୯୮୦ରେ ଯେତେଥିଲା ତା'ଠୁ ୫୫ରୁ ୨୦ ପ୍ରତିଶତ କମାଇ ଦିଆଯାଇଛି । ତା'ପର ଲକ୍ଷ୍ୟ ହେଲା ସରକାରୀ କ୍ଷତି, ଅର୍ଥାତ୍, ନିଜ ଆୟଠାରୁ ଯଥେଷ୍ଟ ଅଧିକ ଖର୍ଚ୍ଚ କରିବା । କେହି ବି ଏଇଆ ଚାହିଁବେନି ଯେ ସରକାର ନିଜ ଆୟରୁ ଅଧିକ ଖର୍ଚ୍ଚ କରନ୍ତୁ । ଏଥିରେ କୌଣସି ମତଭେଦ ନାହିଁ । ଯେଉଁଥିରେ ମତଭେଦ ଅଛି, ତା' ହେଲା ଆୟ ଓ ବ୍ୟୟ ମଧ୍ୟରେ ଏହି ଫରକକୁ କିପରି ଦୂର କରିହେବ ? ଆନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ସବୁ ଲୋକଙ୍କ ଉପରେ ଟିକସ ବସାଇବା ପାଇଁ ଦାବୀ କରୁଛି; କିନ୍ତୁ ଧନୀ ଲୋକଙ୍କ ଉପରେ ଏହା ଲାଗୁ କରିବାକୁ କହୁନାହିଁ । ଆମ ଦେଶରେ ବିଦେଶୀ ଜିନିଷର ଚାହିଦା ବଢ଼ାଇବା ପାଇଁ ସେମାନେ ଚାହାନ୍ତି ଯେ, ଆମଦାନୀ ରପ୍ତାନୀ ଶୁଳ୍କ କମାଇ ଦିଆଯାଉ । ଏହା ଫଳରେ ସରକାରଙ୍କ ରାଜସ୍ୱ ଆଦାୟ ବି କମିଯିବ । ଏହି କ୍ଷତି ଭରଣା କରିବା

Digitized by srujanika@gmail.com

ପାଇଁ ସେମାନେ ଅବକାରୀ ଶୁଳ୍କ ବଢ଼ାଇଦେବା ପାଇଁ କହୁଛନ୍ତି । ଏହାଫଳରେ ସାଧାରଣ ଲୋକଙ୍କ ଉପରେ କ'ଣ ପ୍ରଭାବ ପଡ଼ିବ, ସେ କଥା ସେମାନେ ବିଚାରୁ ନାହାନ୍ତି । ପୁଣି ଆଇ.ଏମ୍.ଏଫ୍. ଚାହୁଁଛି, ଗରିବ ଲୋକଙ୍କୁ ଦିଆଯାଉଥିବା ସବ୍‌ସିଡ଼ି ବନ୍ଦ କରିଦେଇ ସେହି ପଇସାକୁ ସରକାର ବିକାଶ କାମରେ ଲଗାନ୍ତୁ ।

ତୃତୀୟ ଲକ୍ଷ୍ୟ ହେଉଛି, ଠିକ୍ କାମ କରୁ ନ ଥିବା କାରଖାନାଗୁଡ଼ିକ । କୁହାଯାଉଛି ଯେ, ଏହି କାରଖାନାଗୁଡ଼ିକୁ ଦିଆଯାଉଥିବା ସହାୟତାକୁ ଫେରାଇ ନିଆଯିବା ଦରକାର । ସେମାନଙ୍କୁ ଦିଆଯାଉଥିବା ଋଣର ସୁଧ ପରିମାଣ ବଢ଼ାଇଦେଇ କରଜ ଶୁଝିବା ସମୟ ସୀମା କମାଇଦେଲେ ବି ସେମାନେ ପଙ୍ଗୁ ହୋଇଯିବେ । ଏହି ଆର୍ଥିକ କଟକଣା ଯୋଗୁଁ ନୂଆ କରି ପୁଞ୍ଜି ଖଟାଇବାକୁ କେହି ସାହସ କରିବେ ନାହିଁ ଓ ଦୁର୍ବଳ ଶିଳ୍ପଗୁଡ଼ିକ ଆପେ ଆପେ ବନ୍ଦ ହୋଇଯିବେ । କୁହାଯାଉଛି, ବିକାଶ ପାଇଁ ଏହା ଏକ ଛୋଟ ତ୍ୟାଗ ।

ସାଧାରଣ ଲୋକଙ୍କ ଚାହିଦା ଓ ସରକାରୀ ଖର୍ଚ୍ଚ କାଟ ଏବଂ ଆର୍ଥିକ କଟକଣା ମାଧ୍ୟମରେ ଆମେ ଆମ ଅର୍ଥନୀତିକୁ ସଜାଡ଼ି ପାରିବା ବୋଲି କୁହାଯାଉଛି । ଏହା ଆମଦାନୀ ଓ ମୁଦ୍ରାସ୍ଫୀତିକୁ କମାଇ ଅର୍ଥନୀତିର କ୍ଷମତାକୁ ବଢ଼ାଇଦେବ । ଏହା ଆହୁରି ସୁବିଧାରେ ହୋଇପାରିବ, ଯଦି ଆମଦାନୀରେ କଟକଣାକୁ କୋହଳ କରି ଦିଆଯାଏ । ସେପରି ବେପାରରେ ସୁଧାର ଦ୍ୱାରା ଆଶା କରାଯାଉଛି ଯେ, ଅନ୍ତରାଷ୍ଟ୍ରୀୟ ବଜାରରେ ମୁକାବିଲା କରିବା ପାଇଁ ବାଟ ଖୋଲିଯିବ । ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ଭାଷାରେ ଯେଉଁ କାରଖାନା କେବଳ ଅନ୍ତରାଷ୍ଟ୍ରୀୟ ବଜାରରେ ଚାହିଦା ସୃଷ୍ଟି କରିପାରିବ, ସେ ହିଁ ବଞ୍ଚିରହିବ । ଏହାଦ୍ୱାରା ଯେଉଁ କାରିଗରୀ କ୍ଷତି ହେବ ତା ସହଜରେ ଅନୁମେୟ । ବିଶ୍ୱବ୍ୟାଙ୍କର ନିଜ ପରିକଳ୍ପନାରୁ ବି ଜଣାପଡୁଛି ଯେ, ଆସନ୍ତା ଚଳିତ ସମୟର ବେପାର ସୁଧାର ଶିଳ୍ପ କାରିଗରୀର ସବୁଠୁ ସଙ୍କଟମୟ ସମୟ ହେବ । ଇଞ୍ଜିନିୟରିଂ ଓ ରାସାୟନିକ ପଦାର୍ଥ ତିଆରି ଓ ଅନ୍ୟ କାରିଗରୀ ଉଦ୍ୟୋଗ ମାନଙ୍କରେ ଉତ୍ପାଦନ ଖୁବ୍ କମ୍ ହେବ ବୋଲି ବିଶ୍ୱବ୍ୟାଙ୍କ୍ ଘୋଷଣା କରିସାରିଛି ।

Digitized by srujanika@gmail.com

ଶିଳ୍ପରେ ଏହି ସ୍ଥାଣୁତ୍ୱ ଆମର ବେକାରୀ ସମସ୍ୟାକୁ ଆହୁରି ତେଜିଦେବ। ଅଶୀ ଦଶକରେ ଯଦିଓ ଶିଳ୍ପ ଉତ୍ପାଦନରେ ସବୁଠୁ ବେଶୀ ସଫଳତା ମିଳିଛି, ତଥାପି ଖୁବ୍ କମ୍ ସଂଖ୍ୟାର ଲୋକେ ନୂଆ କରି ଚାକିରୀ ପାଇଛନ୍ତି। ହିସାବରୁ ଜଣାପଡୁଛି, ବେସରକାରୀ ଉଦ୍ୟୋଗରେ ପ୍ରାୟ ୩ ଲକ୍ଷ ଲୋକ ଏ ସମୟରେ ଚାକିରୀ ହରାଇଛନ୍ତି। ଏହା ଯଦି ଅଶୀ ଦଶକର କଥା, ତା ହେଲେ ନବେ ଦଶକରେ ଅବସ୍ଥା କ'ଣ ହେବ ? ଆଶା କରାଯାଉଛି ଯେ ଏହି ଦଶକରେ ଶିଳ୍ପ ଉତ୍ପାଦନ ଜମା ବଢ଼ିବ ନାହିଁ।

ଜାତୀୟ ପରମ୍ପରାକୁ ବିଦାୟ

ଏହି ଆଲୋଚନାରୁ ଏହା ହୁଏତ ପରିଷ୍କାର ହୋଇ ସାରିବଣି, ଆଗାମୀ ଦିନଗୁଡ଼ିକରେ ଭାରତର ଲୋକଙ୍କ ଅବସ୍ଥା କିପରି ହେବ। ଆଜି ଜଣେ ଯଦି ଚାକିରୀଟିଏ ପାଇଯାଏ, ତେବେ ସେ ଭାଗ୍ୟବାନ୍ ମନେ କରିବା ଉଚିତ୍। ଯଦି ଆପଣ ସୌଭାଗ୍ୟବଶତଃ ଚାକିରୀଟିଏ ପାଇଗଲେ, ତେବେ ଗୋଟିଏ ପଟେ ମୁଦ୍ରାସ୍ଫୀତି ଯୋଗୁଁ ଆପଣଙ୍କ ଦରମା କମିଯିବ ଓ ଆରପଟେ ସବ୍‌ସିଡ଼ି ବି କମିଯିବ। ପୁଣି ବଢ଼ନ୍ତା ଦରଦାମ୍ ଯୋଗୁଁ ବଞ୍ଚିବାଟା ବହୁତ ମହଙ୍ଗା ହୋଇଯିବ। ଉପଭୋକ୍ତା ମୂଲ୍ୟ ଅତି କମ୍‌ରେ ଶତକଡ଼ା ୨୦ ଭାଗ ବଢ଼ିଯିବ। ଏହି ସାରା ପ୍ରକିୟାର ଓଲଟପାଲଟ ପରିଣାମ ଏପରି ହେବ ଯେ, ଧନୀ ଲୋକେ ଖୁସିରେ ରହିବେ ଓ ଗରିବଙ୍କ ତଣ୍ଟି ଚିପି ହୋଇଯିବ। ଧନୀମାନେ ନା ଟିକସ ଦେବେ ନା କୌଣସି ନିୟମ ଭାଙ୍ଗିବା ଯୋଗୁଁ ଦଣ୍ଡ ପାଇବେ। ତା' ସାଙ୍ଗକୁ କଳା ଟଙ୍କାକୁ ଧଳାରେ ପରିଣତ କରିବା ପାଇଁ ବି ଚେଷ୍ଟା ଚାଲିଛି। ଏହାଛଡ଼ା ଗରିବ ଲୋକଙ୍କ ଦାରିଦ୍ର୍ୟ ହଟାଇ ନ ପାରିବା ପରେ ଆମ ଶାସକମାନେ ଏବେ ସ୍ଥିର କରିଛନ୍ତି ଯେ, ଧନୀ ଲୋକଙ୍କ ହାତମୁଠା ଯେତେ ବଡ଼ ହେବ, ଗରିବ ଲୋକଙ୍କୁ ସେଥିରୁ କିଛି ପରିମାଣର ମିଳିଯିବାର ସମ୍ଭାବନା ସେତିକି ବଢ଼ିବ।

ଏହି ଆର୍ଥିକ ସ୍ଥାଣୁତ୍ୱ ଓ ବଢ଼ନ୍ତା ଦାରିଦ୍ର୍ୟ ଯୋଗୁଁ ଭାରତର ସାମାଜିକ ସମସ୍ୟା ଆହୁରି ଅଧିକ ବଢ଼ିବ। ଆଞ୍ଚଳିକ ଅସମତାକୁ କମ୍ କରିବା ପାଇଁ

Digitized by srujanika@gmail.com

ଆମ ଚେଷ୍ଟା ବିଫଳ ହୋଇଛି । ଆଜି ଆମେ ଏଥିପାଇଁ ଆଉ ବିଶେଷ ଚେଷ୍ଟା ବି କରୁନାହାନ୍ତି। ଯେଉଁ ବଜାରରେ ଯେତେ ହୁକୁମ ଓ ଜାଲିଆତି, ସେଇଠି ସେତେ ଅଧିକ ଟଙ୍କା ଓ ଲୋକ ଜମିଛନ୍ତି । ଏହି ପ୍ରକାରର ଆଞ୍ଚଳିକ ଅସମତା ଆହୁରି ବଢ଼ିଯିବ ।

ଏହି ଅବସ୍ଥା ଏମିତି କେତେ ଦିନ ଚାଲିଥିବ ? ଏହି ସୁଡ଼ଙ୍ଗର ଶେଷରେ କ'ଣ କିଛି ଆଲୁଅ ନାହିଁ ? ଭାରତ ସରକାର ବହୁଦେଶୀୟ କମ୍ପାନୀ ଓ ସେମାନଙ୍କ ସହଯୋଗୀ କମ୍ପାନୀଙ୍କ ଉପରେ ଶେଷ ଆଶା ରଖିଛନ୍ତି । ଆଶା କରାଯାଉଛି, ଯେ ସେମାନେ ଆମ ପାଇଁ ଟଙ୍କା, କାରିଗରୀ ଓ ନୂଆ ବେପାର ପାଇଁ ରାସ୍ତା ଖୋଲିଦେବେ । ଦକ୍ଷିଣ କୋରିଆ ଓ ତାଇୱାନ୍‌କୁ ଉଦାହରଣ ଭାବେ ଦେଖାଯାଉଛି । କୋରିଆର ଶିଳ୍ପକରଣ ମୁଖ୍ୟତଃ କୋରିଆ ସରକାରଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ ଅଟେ । ସାର, ଔଷଧ ଆଦି କୌଣସି ଉତ୍ପାଦନରେ ବହୁଦେଶୀୟ କମ୍ପାନୀମାନଙ୍କୁ ଜମା ଛଡ଼ା ଯାଇନାହିଁ । ରପ୍ତାନୀ କ୍ଷେତ୍ରରେ ମଧ୍ୟ କେବଳ ଇଲେକ୍ଟ୍ରୋନିକ୍ସ୍ ଜିନିଷ ତିଆରିରେ ବହୁଦେଶୀୟ କମ୍ପାନୀମାନଙ୍କର କିଛିଟା ଅଂଶ ଅଛି । ଇସ୍ପାତ ଓ ଜାହାଜ ତିଆରି କରିବାରେ କୋରିଆ ଗୋଟିଏ ଆଗୁଆ ଦେଶ ହୋଇପାରିଛି । କୌଣସି ବିଦେଶୀ ସାହାଯ୍ୟ ବିନା ଏହା ସମ୍ଭବପର ହୋଇପାରିଛି । ୧୯୮୪ ସୁଦ୍ଧା କୋରିଆର ବଡ଼ କଳକବ୍ଜା ଓ ରାସାୟନିକ ଦ୍ରବ୍ୟ ଶତକଡ଼ା ୬୦ ଭାଗ ରପ୍ତାନୀ ହୋଇଥିଲା । ଯଦି କୋରିଆ ଠାରୁ କିଛି ଶିଖିବା ଜିନିଷ ଥାଏ, ତେବେ ତା' ହେଲା ଦେଶୀୟ ଉଦ୍ୟମ ହିଁ ସବୁଠୁ ଜରୁରୀ । ବହୁଦେଶୀୟ କମ୍ପାନୀଙ୍କୁ କୌଣସି ସ୍ୱାଧୀନତା ଦେବା ଅନୁଚିତ୍ । କିନ୍ତୁ ଭାରତ ସରକାରଙ୍କ ପ୍ରଥମ କାମ ହେଉଛି, ଏପରି ଏକ ବାତାବରଣ ସୃଷ୍ଟି କରିବା, ଯାହାଦ୍ୱାରା ବହୁଦେଶୀୟ କମ୍ପାନୀମାନେ ଅଧିକ ଭାଗ ନେବେ । ଭାରତ ସରକାର ସେମାନଙ୍କ ପାଇଁ ସବୁ ଫାଟକ ଖୋଲା ରଖିଛନ୍ତି ।

ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଶକ୍ତିମାନେ ସବୁବେଳେ ଚାହାନ୍ତି କିପରି ଆମ ଦେଶ ଭଳି ଦେଶରେ ଭଲ ବିକ୍ରି ହେବ । ଆଜି ସେମାନେ ଖାଲି ତାଙ୍କ ଜିନିଷ

Digitized by srujanika@gmail.com

କିଣାବିକାରେ ବି ସନ୍ତୁଷ୍ଟ ନୁହନ୍ତି । ସେମାନେ ଆଜି ଆମର ଶିକ୍ଷା, ବ୍ୟାଙ୍କ୍, ବୀମା ଆଦି ଗୁରୁତ୍ୱପୂର୍ଣ୍ଣ ଜାଗାରେ ମଧ୍ୟ ଅଂଶୀଦାର ହେବାକୁ ଚାହୁଁଛନ୍ତି । ସେମାନେ ତୃତୀୟ ବିଶ୍ୱର ଦେଶମାନଙ୍କୁ ଚାପ ଦେଉଛନ୍ତି, ସେମାନେ ଯେପରି ବହୁଦେଶୀୟ କମ୍ପାନୀଙ୍କ ପାଇଁ ତାଙ୍କ ଦୁଆର ପୁରା ଖୋଲା ରଖିବେ । ଗ୍ୟାଟ୍ ସମ୍ମିଳନୀର ଆଲୋଚନାରୁ ବି ଜଣା ପଡୁଛି, ଏହି ଯୋଜନା ସଫଳ ହେବ ।

ଖାଲି ଏତିକିରେ ସନ୍ତୁଷ୍ଟ ନ ହୋଇ ପାଶ୍ଚାତ୍ୟ ଦେଶମାନେ ଏବେ ଯୋଜନା କରୁଛନ୍ତି, କିପରି ଆଇନ୍ କରି ଆମ କାରିଗରୀ ଓ ଯୋଗାଯୋଗ ମାଧ୍ୟମକୁ ବି ନିଜ ହାତରେ ରଖିବେ । ବେପାରରେ ଠକାମୀ ପରେ ସେମାନେ ଏବେ ବୌଦ୍ଧିକ ସମ୍ପଦ ଅଧିକାର ପାଇଁ ବି ଧମକ ଦେଲେଣି । ସେମାନେ ଚାହୁଁଛନ୍ତି, ଭାରତ ଭଳି ଦେଶ ସେମାନଙ୍କ ପେଟେଣ୍ଟ୍ ସମ୍ବନ୍ଧୀୟ ନିୟମ ବି ବଦଳାନ୍ତୁ । ଯିଏ ଯାହା ନୂଆ ଜିନିଷ ଆବିଷ୍କାର ବା ତିଆରି କରନ୍ତି, କିଛି ବର୍ଷଯାଏଁ ତାହାର ବ୍ୟବହାର ଉପରେ ସେ ପୁରା ନିୟନ୍ତ୍ରଣ ରଖି ପାରିବାରେ ଅଧିକାରକୁ ପେଟେଣ୍ଟ୍ କୁହାଯାଏ । ତାଙ୍କ ଅନୁମତି ବିନା ସେହି ସମୟ ସୀମା ଭିତରେ ତାଙ୍କ ଜିନିଷକୁ କେହି ଲାଭ ପାଇଁ ବ୍ୟବହାର କରିପାରିବନି । ବହୁଦେଶୀ କମ୍ପାନୀମାନେ ଏହି ପେଟେଣ୍ଟ୍ ଅଧିକାରର ଅପବ୍ୟବହାର କରୁଛନ୍ତି । ତୃତୀୟ ବିଶ୍ୱର କୌଣସି ଲୋକଙ୍କୁ ନୂଆ ଆବିଷ୍କାର ବା ଜିନିଷ ତିଆରି ପାଇଁ ସେମାନେ ସୁଯୋଗ ଦେବାକୁ ଚାହାନ୍ତି ନାହିଁ । ସବୁ ଦେଶର ପେଟେଣ୍ଟ୍ ନିୟମରେ ଗ୍ରାହକଙ୍କର ରଚିକୁ ବି ଗୁରୁତ୍ୱ ଦିଆଯାଏ । ଭାରତର ଏହି ପେଟେଣ୍ଟ୍ ନିୟମ ସଜଡ଼ା ହେବା ପାଇଁ କୋଡ଼ିଏ ବର୍ଷ ଲାଗିଯାଇଥିଲା । ଏହା ଏକ ମୋଡ଼େଲ୍ ପେଟେଣ୍ଟ୍ ନିୟମ ହିସାବରେ ଗଣାଯାଏ; କାରଣ ଏଥିରେ ବିକାଶଶୀଳ ଦେଶଗୁଡ଼ିକର ଭଲ ପାଇଁ ବି ବିଚାର କରାଯାଇଛି । ତେଣୁ ଆମେରିକାର ନିୟମକାରୀମାନେ ଏହାକୁ ବଦଳାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ।

ଆମେ ଯଦି ତାଙ୍କ କଥା ନ ମାନିବା, ତେବେ ଆମ ଉପରେ ବିଭିନ୍ନ ବାଣିଜ୍ୟ କଟକଣା ଜାରି କରିବାକୁ ବି ସେମାନେ ଧମକ ଦେଉଛନ୍ତି । ପାଶ୍ଚାତ୍ୟ

Digitized by srujanika@gmail.com

ଲୋକେ ଆମର ନିୟମଗୁଡ଼ିକୁ ପୁରା ବଦଳାଇଦେବାକୁ ଚାହୁଁଛନ୍ତି । ସେମାନେ ଚାହାନ୍ତି, ଆମ ନିୟମ ସବୁ ଏପରି ସଜଡ଼ା ହେବ ଯେପରି ଆମ ନିଜ ପଦ୍ଧତିରେ ଆମେ କିଛି ଜିନିଷ ତିଆରି କଲେ ବି ସେଗୁଡ଼ିକ ଯଦି ଆମେରିକା ଦ୍ୱାରା ପେଟେଣ୍ଟ୍ କରାଯାଇଥାଏ ତେବେ ଆମେ ସେହି ଜିନିଷ ଉତ୍ପାଦନ କରିପାରିବା ନାହିଁ । ସେମାନେ ଆମ ଆଶାଠୁ ବେଶୀ ସମୟ ଧରି ଏହି ଏକଚାଟିଆ ଅଧିକାର ଜାରି ରଖିବାକୁ ଚାହୁଁଛନ୍ତି । ଏବେକାର ଭାରତୀୟ ପେଟେଣ୍ଟ୍ ନିୟମ ଅନୁସାରେ ଯଦି ଜଣେ ପେଟେଣ୍ଟ୍ ଅଧିକାରୀ ପେଟେଣ୍ଟ୍ ଜିନିଷଟିକୁ ଭାରତରେ ତିଆରି ନ କରନ୍ତି ବା ପେଟେଣ୍ଟ୍ ନିୟମକୁ ଯଦି ନ ମାନନ୍ତି, ତେବେ ସରକାର ସେହି ସମୟସୀମା ପରେ ଅନ୍ୟ କୌଣସି ଆଗ୍ରହୀ ଦଳକୁ ସେହି ଅଧିକାର ଦେଇଦେବେ । ଆମେରିକା ଏହି ନିୟମକୁ ବଦଳାଇବାକୁ ଚାହୁଁଛି । ସେମାନେ ଯୁକ୍ତି କରୁଛନ୍ତି, ପେଟେଣ୍ଟ୍ ଅଧିକାରୀ ଯଦି ବାହାରୁ ଏହି ଜିନିଷ ଆମଦାନୀ କରନ୍ତି, ତେବେ ବି ତାଙ୍କୁ ମାନିବାକୁ ପଡ଼ିବ ଯେ, ସେ ସେହି ପେଟେଣ୍ଟ୍ ବ୍ୟବହାର କରିଛନ୍ତି । ଏହି ନୂଆ ନିୟମ ଅନୁସାରେ ଯଦି କୌଣସି କମ୍ପାନୀ ଜିନିଷକୁ ଭାରତରେ ତିଆରି ନ କରେ, ବା ଯଦି ଆଉ କାହାକୁ ବି ତିଆରି କରିବାକୁ ନ ଦିଏ, ତେବେ ସରକାର କିଛି କରିପାରିବେ ନାହିଁ । ଏହା ଭାରତରେ ଶିଳ୍ପକରଣକୁ ପୁରା ବିଗାଡ଼ିଦେବ ।

ପେଟେଣ୍ଟ୍ ନିୟମକୁ ବଦଳାଇ ତାଙ୍କ ଏକଚାଟିଆ ଅଧିକାରକୁ ସୁଯୋଗ ଦେଲେ ଭାରତୀୟ ଗ୍ରାହକମାନଙ୍କୁ ଔଷଧ, ମଞ୍ଜି ଓ ଅନ୍ୟ ଜିନିଷ ପାଇଁ ଚଡ଼ାଦାମ୍ ଦେବାକୁ ପଡ଼ିବ । ଆମର ଚାଷ ବିଦେଶୀ କମ୍ପାନୀଙ୍କ ହାତମୁଠାରେ ରହିବ । ଆମର ଔଷଧ ତିଆରି ଆଦି ଜାତୀୟ ଶିଳ୍ପକୁ ମଧ୍ୟ ଏହା ଦୁର୍ବଳ କରିଦେବ । ଏହା ଭାରତୀୟ ଗବେଷଣା ଓ ଦେଶୀୟ ଆବିଷ୍କାରଗୁଡ଼ିକର ମୂଳେ ମାରିଦେବ । ଏବେ ଭାରତ ଯେପରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଖୁସି କରିବାକୁ ଚାହୁଁଛି, ଲାଗୁଛି ଭାରତ ସରକାର ଶିଳ୍ପ ନିୟମକୁ ବଦଳାଇଲା ପରି ପେଟେଣ୍ଟ୍ ନିୟମକୁ ବି ବଦଳାଇଦେବେ ।

Digitized by srujanika@gmail.com

ସ୍ୱାଧୀନତା ପାଇଁ ଆମେ ଯେଉଁ ସ୍ୱଦେଶୀ ଆନ୍ଦୋଳନ ଚଳାଇଥିଲେ ସେଥିରେ ଅନେକ ଶିକ୍ଷ ନିୟମ ଥିଲା । ଏବେ ସେସବୁ ବଦଳିବାରେ ଲାଗିଛି । କିନ୍ତୁ ଏଥିରେ ରହିଥିବା ଦୁର୍ବଳତାଗୁଡ଼ିକୁ ହଟାଇବା ପରିବର୍ତ୍ତେ ଆମେ ଧନୀ ଓ ଶକ୍ତିଶାଳୀ ଲୋକଙ୍କ ସ୍ୱାର୍ଥକୁ ଜଗି ଏହାକୁ ବିକୃତ କରିପକାଉଛେ । ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ଆମେ ସରକାରୀ ଅନୁମତି ଓ ପୁଞ୍ଜିଲଗାଣ କଟକଣାକୁ ହଟାଇ ଦେଉଛେ ଓ ଏକଚାଟିଆ କାରବାରକୁ ଉତ୍ସାହିତ କରୁଛେ । ଆମେ ସାମାଜିକ ଆବଶ୍ୟକତାକୁ ଅଗ୍ରାଧିକାର ଦେଉନାହେଁ । ବରଂ ଏକଚାଟିଆ ଅଧିକାର ଦେଇ ଆମେ ତାଙ୍କୁ ଛାଡ଼ିଦେଉଛେ କେଉଁଠି, କ'ଣ ଓ କିପରି ଉତ୍ପାଦନ ହେବ ବୁଝିବାପାଇଁ । ଏହି ଏକଚାଟିଆ ଦଳ୍ ଖାଲି ସେସବୁ ନିୟମ କଟକଣାଠୁ ଉପରେ ରହୁଛନ୍ତି ତା ନୁହେଁ ବରଂ ଆଇନଗତ ଭାବେ ସେହି ଉଦ୍ୟୋଗର ମାଲିକ ହେଉଛନ୍ତି ଓ ଲଘୁ ଉଦ୍ୟୋଗକୁ ମିଳୁଥିବା ସବୁ ସୁବିଧା ଉପଭୋଗ କରୁଛନ୍ତି । ଲଘୁ ଉଦ୍ୟୋଗର ବିକାଶ ନାଁରେ ଏହି ଏକଚାଟିଆ କାରବାର ଠକାମୀ ନୁହେଁ କି ? କେବଳ ଗୋଟିଏ ଏକଚାଟିଆ କାରବାରର ଶେଷ କରି ଦିଆଯାଉଛି । ଆଉ ତାହା ହେଉଛି ସରକାରୀ ଉଦ୍ୟୋଗର । ସରକାରୀ ଉଦ୍ୟମରେ ଯେଉଁଠି ଉତ୍ପାଦନ ଚାଲିଥିଲା ତା'କୁ ବଦଳାଇ ଏବେ ବ୍ୟକ୍ତିଗତ ଉତ୍ପାଦନ ପାଇଁ ଖୋଲି ଦିଆଯାଉଛି । ମୁଖ୍ୟ ସରକାରୀ ଉଦ୍ୟୋଗଗୁଡ଼ିକୁ ବେସରକାରୀ କ୍ଷେତ୍ର କରି ଦିଆଯାଉଛି । କ୍ଷତିରେ ଚାଲିଥିବା ଉଦ୍ୟୋଗଗୁଡ଼ିକୁ ପୁରା ବନ୍ଦ କରି ଦିଆଯାଉଛି । ବନ୍ଦ କରିବେ ବା ପ୍ରକ୍ରିୟାଟିକୁ ଆହୁରି ବେଗରେ କରିବା ପାଇଁ ନୂଆ ଯୋଜନା ବି କରାଯାଉଛି । ହିସାବରୁ ଜଣା ପଡୁଛି, ସରକାରୀ ଉଦ୍ୟୋଗର ପ୍ରାୟ ୬ ଲକ୍ଷ କର୍ମଚାରୀଙ୍କୁ କାମରୁ ଛଟେଇ କରି ଦିଆଯାଇଛି ।

ଏବେ ଭାରତ ରାଜି ହୋଇଛି, ସବୁ ବିଦେଶୀ କମ୍ପାନୀ ଯଦି ଶତକଡ଼ା ୫୦ ଭାଗ ବିଦେଶୀ ପୁଞ୍ଜି ଲଗାନ୍ତି ସେମାନେ ଭାରତୀୟ କମ୍ପାନୀଗୁଡ଼ିକ ସହ ସମାନ ଅଧିକାର ପାଇବେ । ଦରକାର ପଡ଼ିଲେ ସରକାର ଏହି ସମାନ

Digitized by srujanika@gmail.com

ଅଧିକାର ନିୟମଟିକୁ ବି ହଟେଇ ଦେଇପାରନ୍ତି । ବିଦେଶୀ କମ୍ପାନୀଗୁଡ଼ିକୁ ଖାଲି କଟକଣା ମୁକ୍ତ କରାଯାଉଛି ତା ନୁହେଁ, ବରଂ ସେମାନଙ୍କୁ ସ୍ୱାଗତ କରାଯାଉଛି ।

ଭାରତର ସ୍ୱାଧୀନତା ବିପଦରେ

ବିଡ଼ମ୍ବନା ସ୍ୱରୂପ, ଏସବୁ କରିବା ସତ୍ତ୍ୱେ ଭାରତ ସରକାରଙ୍କର ଭରସା ନାହିଁ ଯେ ବହୁଦେଶୀୟ କମ୍ପାନୀମାନେ ଭାରତ ଆସିବେ । ଆମ ଶାସକମାନେ ଅନଶ୍ଚିତ ହୋଇ ଅନାଇ ବସିଛନ୍ତି ଯେ ସତରେ ବହୁଦେଶୀୟ କମ୍ପାନୀମାନେ କ'ଣ ଆମ ଦେଶରେ ପୁଞ୍ଜି ଲଗାଇବେ ? ପ୍ରଶ୍ନ ଉଠୁଛି, ଯେତେବେଳେ ଆହୁରି ବିପଦରେ ପଡ଼ିଥିବା ଦେଶଗୁଡ଼ିକ ଅଧିକ ସୁବିଧା ଦେଉଛନ୍ତି ଓ ଭାରତ ଠାରୁ ଅଧିକ କଠିନ ସର୍ତ୍ତ ମାନିବାକୁ ବି ରାଜି ଅଛନ୍ତି, ବହୁଦେଶୀୟ କମ୍ପାନୀମାନେ କାହିଁକି ଭାରତ ଆସିବେ ? ପୂର୍ବ ଇଉରୋପ ଦେଶପାଇଁ ସେମାନଙ୍କ ପାଟିରୁ ବେଶି ଲାଳ ବୋହୁଛି ।

ଏ କଥା ବି ମନେ ରଖିବାକୁ ହେବ, ବହୁଦେଶୀୟ କମ୍ପାନୀମାନେ ନିଜ ମତ ଅନୁସାରେ ହିଁ ଭାରତରେ ପଶିବେ । ଭାରତ ସରକାର ବାଧ କରୁନାହାନ୍ତି, ସେମାନେ ଦରକାରଠୁ ଅଧିକା ପୁଞ୍ଜି ଏଠାରେ ଲଗାନ୍ତୁ ବା ବିଦେଶରୁ ଆଣନ୍ତୁ । ସରକାର ବି ଗୁରୁତ୍ୱର ସହ ବିଚାର କରୁନାହାନ୍ତି, କେଉଁ ପ୍ରକାର ସେମାନେ ଆମ ଦେଶକୁ ଆଣିବେ ବହୁଦେଶୀୟ କମ୍ପାନୀମାନେ କଥା ଦେବାକୁ ରାଜି ନୁହନ୍ତି ଯେ ସେମାନେ ଭାରତରେ କିଛି ଜିନିଷ କିଣିବେ । ସେମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି, ସେମାନେ ନିଜ ଦେଶକୁ ଯେତିକି ପୁଞ୍ଜି ନେଇ ଯାଉଛନ୍ତି, ସେ ବିଷୟରେ କୌଣସି ସର୍ତ୍ତ ରହୁ ସେମାନେ କେତେ ରୋଜଗାର କରିପାରିବେ, ସେଥିରେ କିଛି କଟକଣା ରଖିବାକୁ ସେମାନେ ମାନୁନାହାନ୍ତି । ଯାହା ହେଉଛି, ମନେ ହେଉଛି ଭାରତକୁ ଏହି କମ୍ପାନୀଗୁଡ଼ିକ ପାଖରେ ସବୁ ମୁଣ୍ଡପାତି ସହିଯିବାକୁ ପଡ଼ିବ ।

ଏବେ ଆମଦାନୀରେ ଶୀଘ୍ର ବୃଦ୍ଧିର କୌଣସି ଆଶା ଦେଖାଯାଉ ନାହିଁ । ଯଦି ବି କିଛି ସମୟ ପାଇଁ ପୂର୍ବ ୟୁରୋପରେ ବିଘଟନ ଓ ପଶ୍ଚିମ ୟୁରୋପୀୟ ଦେଶଙ୍କର ଭାରତୀୟ ରପ୍ତାନୀ ସହ ଏକଜୁଟ୍ ହେବାର ଚିନ୍ତା ବି କରୁଛେ,

Digitized by srujanika@gmail.com

[illegible] ସହଜରେ ବୁଝି ହେଉଛି ଯେ, ଭାରତ ପାଇଁ **ଉଦାରବାଦୀ ନୀତି ଗ୍ରହଣ** କରିବାର ଏହା ଏକ ବିଷମ ସମୟ ଅଟେ । ଷାଠିଏ **ଦଶକରେ ଯେତେବେଳେ** ବିଶ୍ୱ ବ୍ୟାପାର ଅତି କ୍ଷିପ୍ର ବେଗରେ ବଢ଼ି ଚାଲିଥିଲା **ସେତେବେଳେ** ବି ବିଶ୍ୱର ଆର୍ଥିକ ଦଶା ଓ ବ୍ୟାପାର ବହୁତ ଧୀର ବେଗରେ **ବଢୁଥିଲା । ଏବେ ଆମର** ସବୁ ଉଦ୍ୟମ ସତ୍ତ୍ୱେ ଭାରତରୁ ରପ୍ତାନୀ ବଢୁନାହିଁ । **ନିକଟ ଭବିଷ୍ୟତରେ** ଏହା କୌଣସି ପ୍ରକାରେ ବଢ଼ିଯିବାର ଆଶା ବି ଦେଖାଯାଉ **ନାହିଁ ।**

ବିକାଶ ପାଇଁ ନୂଆ ଯୋଜନାରେ ଏହାଠାରୁ [illegible] କ'ଣ ହୋଇପାରେ ? ଆମର ଅର୍ଥନୀତିରୁ [illegible] ଆମକୁ ଆମ ରପ୍ତାନୀ ଯେମିତି [illegible] ଯେଉଁଠୁ ଯାହା ମିଳିଲେ ବି [illegible] ମଧ୍ୟରେ ଏହା [illegible] । ଆମର [illegible]

[illegible]

Digitized by srujanika@gmail.com

ଏକ ଜାତୀୟ ସ୍ୱାଭିମାନର ଆବଶ୍ୟକତା

ଭାରତୀୟଙ୍କର ଦେଶଭକ୍ତି ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି । ବିଦେଶୀ ଶାସନରୁ ମୁକୁଳିବା ପାଇଁ ସେମାନେ କେତେ ଯାତନା ସହିଛନ୍ତି ॥ ସେମାନେ ଆମରି ଏହି କଷ୍ଟୋପାର୍ଜିତ ସ୍ୱାଧୀନତାକୁ ବଞ୍ଚାଇ ରଖିବା ପାଇଁ ନିଶ୍ଚୟ ଏକାଠି ହେବେ । କିନ୍ତୁ ଆଜି ଆମର ଶାସକମାନେ କାହିଁକି ତ୍ୟାଗ ଚାହୁଁଛନ୍ତି ଜାଣନ୍ତି ? କ'ଣ ଏଇଥିପାଇଁ କି ଯେ ଦେଶ ନିଜ ଗୋଡ଼ରେ ଠିଆ ହେବ ? ନା, ବଡ଼ ବିଦେଶୀ ସଂସ୍ଥାଙ୍କଠୁ କରଜ ଆଣିବାପାଇଁ ଓ ଅନ୍ତରାଷ୍ଟ୍ରୀୟ ମହାଜନଙ୍କୁ ଖୁସି କରାଇବାପାଇଁ ? ଏଥିପାଇଁ ସେମାନେ ଆହ୍ୱାନ କରନ୍ତି ଜାତୀୟ ଏକତା । କଣ ଏହି ପରିପ୍ରେକ୍ଷୀରେ ଆମେ ସତରେ ଏକମତ ହେବା ?

ବର୍ତ୍ତମାନର ସଙ୍କଟକୁ ସୁଧରାଯାଇ ପାରିବ, ଯଦି ଶାସକମାନେ ଘୋଷଣା କରନ୍ତି ଯେ, ଆମେ ବିଦେଶୀ ଚାପ ନିକଟରେ କୌଣସିମତେ ମୁଣ୍ଡ ନୁଆଇଁବା ନାହିଁ । ଆମେ ଯଦି ସ୍ୱାବଲମ୍ବୀ ଭାବେ ବିକାଶର ରାସ୍ତା ଖୋଜିବା ଓ ଧନୀ ଲୋକେ ଯଦି ତାଙ୍କ ଦେୟକୁ ଦେବାକୁ ରାଜି ହେବେ, ତେବେ ଲୋକେ ତ୍ୟାଗ କରିବାକୁ ପ୍ରସ୍ତୁତ ହେବେ । ଆମ ସରକାରଙ୍କର ନିଜ ଲୋକଙ୍କ ଦେଶପ୍ରେମ ଉପରେ ଯେତେ ଭରସା ନାହିଁ, ତା'ଠୁ ବେଶୀ ବିଶ୍ୱାସ ରହିଛି ଆନ୍ତର୍ଜାତିକ ଜମିଦାରଙ୍କ ଉପରେ । ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଖୁସି କରାଇବା ନୀତି, ବିଦେଶୀ ଚାପ ନିକଟରେ ମୁଣ୍ଡ ନୁଆଇଁବା ନୀତି ଓ ଅଧିକ କରଜ ପ୍ରତି ଆଗ୍ରହ ଦେଖାଇବା ନୀତି ଜାରିଥିବାଯାଏଁ ଲୋକଙ୍କ ମନରେ କିପରି ଦେଶଭକ୍ତି ଜାତ ହୋଇପାରିବ ? ଭାରତ ସରକାର ଲୋକଙ୍କ ମଧ୍ୟରେ ଏହା ନିଶ୍ଚିତ କରିବା ଦରକାର ଯେ, ଆମେ ଅଧିକ କରଜ ନେବା ନାହିଁ, କି ସେଥିପାଇଁ ଆଗ୍ରହ ବି କରିବା ନାହିଁ । ସେମିତି ହେଲେ ହିଁ ଲୋକେ ଏକମତ ହୋଇ ଏକ ଦେଶଭକ୍ତ ବିକଳ୍ପ ପ୍ରସ୍ତୁତ କରିପାରିବେ ॥

ଆମେ କ'ଣ କରିପାରିବା ?

ଆମକୁ ଯଥାଶୀଘ୍ର ବିଭିନ୍ନ ପଦକ୍ଷେପ ନେବାକୁ ପଡ଼ିବ ଯାହା ଆମ ସ୍ୱାବଲମ୍ବୀ ବିକାଶଧାରାକୁ ଉତ୍ସାହିତ କରିବ ॥ ଆମ ସରକାରଙ୍କ ବଜେଟରେ

Digitized by srujanika@gmail.com

କ୍ଷତି କମା ଯାଇପାରିବ ଓ ବିଦେଶୀ ମୁଦ୍ରାର କ୍ଷତି ବି କମ୍ କରା ଯାଇପାରିବ । ଆମକୁ ସେଥିପାଇଁ କେତେଗୁଡ଼ିଏ କଠୋର ନିୟମ ଅବଲମ୍ବନ କରିବାକୁ ହେବ ।

୧. ଆମଦାନୀ ନିୟମରେ ବିଳାସ ସାମଗ୍ରୀ ପାଇଁ ଯଥେଷ୍ଟ କଟକଣା ରହିବ ।

୨. ଯନ୍ତ୍ରପାତିର ଉତ୍ପାଦନ ବଢ଼ାଇ ଆମଦାନୀ କମ୍ କରାଯିବ ।

୩. ଅସ୍ତ୍ରଶସ୍ତ୍ରର ଆମଦାନୀ ଯଥାସମ୍ଭବ କମାଇବାକୁ ହେବ ।

୪. ତେଲ ଖର୍ଚ୍ଚ ଉପରେ କଠୋର କଟକଣା ଜାରି ହେବା ଦରକାର ।

୫. ବିଦେଶକୁ ଯାଇଥିବା ଭାରତୀୟଙ୍କୁ ବିଶେଷ ପ୍ରୋତ୍ସାହନ ଦେଇ ତାଙ୍କୁ ଯଥେଷ୍ଟ ବିଦେଶୀ ମୁଦ୍ରା ପଠାଇବାପାଇଁ ଉତ୍ସାହିତ କରାଯିବା ଦରକାର ।

ଯେଉଁ ଲୋକମାନେ ବିଦେଶୀ ମୁଦ୍ରା ବିନିମୟରେ ଠକୁଛନ୍ତି ସେମାନଙ୍କୁ କଠିନ ଦଣ୍ଡ ଦିଆଯିବା ଦରକାର । ହିସାବରୁ ଜଣାପଡ଼ିଛି ଯେ, ରପ୍ତାନୀରେ ଭୁଲ ହିସାବ ଯୋଗୁଁ ୧୯୮୯ରେ ୩୧,୮୯୦ ଲକ୍ଷ ଡଲାରର ମୂଲ୍ୟ ବିଦେଶୀ ମୁଦ୍ରା ବାହାରକୁ ଚାଲିଗଲା । ଗତ ୮୦ ଦଶକରେ ବେନିୟମ କାମଯୋଗୁଁ ଭାରତ ୧୪୦ କୋଟି ଡଲାର ମୂଲ୍ୟର ବିଦେଶୀ ମୁଦ୍ରା ହରାଇଥିଲା । ଏହି ସବୁ ବେନିୟମ କାରବାର ଓ ସୁନାର ଚୋରା ଚାଲାଣକୁ ରୋକାଯାଇ ପାରିଲେ ଆମର ବିଦେଶୀ ମୁଦ୍ରା ବିନିମୟରେ ଉନ୍ନତି ହୋଇପାରିବ । ଗୋଟିଏ ଉଚିତ ସୁନା ଅଟକ ଯୋଜନା ମାଧ୍ୟମରେ ସବୁ ଚୋରା ସୁନାକୁ ବି ଏକାଠି କରାଯାଇପାରିବ ।

ବଜେଟ୍‌ରେ କ୍ଷତିକୁ କମ୍ କରିବା ପାଇଁ ଆମକୁ ଆମ ଅଣ ବିକାଶ ଖର୍ଚ୍ଚ ଉପରେ କଠୋର କଟକଣା ଜାରି କରିବାକୁ ହେବ । ଉପଯୁକ୍ତ ରାଜନୈତିକ ପଦକ୍ଷେପ ମାଧ୍ୟମରେ ସାମରିକ ଓ ଆଭ୍ୟନ୍ତରୀଣ ପ୍ରତିରକ୍ଷା କ୍ଷେତ୍ରରେ ପ୍ରଚୁର ପଇସା ସଞ୍ଚାଯାଇ ପାରିବ । ଚୀନ୍ ସହ ସୀମା ବିବାଦକୁ ତୁଟାଇ ପାରିଲେ ଯଥେଷ୍ଟ ଟଙ୍କା ସଞ୍ଚାଯାଇ ପାରିବ । ଆମର ଏହି ଉପମହାଦେଶ ଅଞ୍ଚଳରେ ଅଣୁଅସ୍ତ୍ର ଦୌଡ଼କୁ ଯେ କୌଣସି ମତେ ରୋକିବାକୁ ହେବ । ବିଭିନ୍ନ ସରକାରୀ

Digitized by srujanika@gmail.com

ଉଦ୍ୟୋଗ ପ୍ରତି ଆର୍ଥିକ ଅନୁଦାନ କମାଇ ବି ବିକାଶ କରିହେବ । ସେମାନଙ୍କୁ ଯଦି ଉଚିତ୍ ଦାମ୍‌ରେ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦିଆଯାଏ ଓ ରାଜନୈତିକ ହସ୍ତକ୍ଷେପକୁ କମାଇ ସରକାରୀ ନାଲିଫିତାର କଟକଣାରୁ ମୁକ୍ତ କରାଯାଏ, ତେବେ ସେଠାରେ ଲୋକେ ଆହୁରି ମନଦେଇ କାମ କରିପାରିବେ । ଏହାଦ୍ୱାରା ସରକାରୀ ଖର୍ଚ୍ଚକୁ ଯଥେଷ୍ଟ କମାଯାଇପାରେ । ଧନୀମାନଙ୍କୁ ଦିଆଯାଉଥିବା ସବ୍‌ସିଡ଼ି ବନ୍ଦ କରି ସବ୍‌ସିଡ଼ିର ସଠିକ୍ ବ୍ୟବହାର ହେବା ଦରକାର । ଜମିଦାରଙ୍କ ଉପରେ ସିଧା କରଜ ଅଧିକ ବଢ଼ାଇବା ସଙ୍ଗେ ସଙ୍ଗେ କରଜ ଆଦାୟ ବିଭାଗକୁ ଅଧିକ ଦକ୍ଷ ଓ ସଚ୍ଚୋଟ କରିବାକୁ ହେବ । କରଜ ଫାଙ୍କୁଥିବା ଲୋକଙ୍କୁ ଦୃଢ଼ ଭାବେ ଦମନ କରାଯିବା ଦରକାର ।

ବୈଦେଶିକ ବିନିମୟ ଓ ବଜେଟ୍‌ର ସମସ୍ୟା ସୁଧାରିବା ସଙ୍ଗେ ସଙ୍ଗେ ଆମର ବିକାଶ ଯୋଜନାକୁ ଆମୂଳଚୂଳ ବଦଳାଇବାକୁ ହେବ । 'ସବୁଜ ବିପ୍ଳବ' ପରି ଯୋଜନା ଉପରେ ନିର୍ଭର କରିବା ବଦଳରେ କୃଷି ବିକାଶର ନୂଆ ନୀତି ଠିକ୍ କରିବାକୁ ପଡ଼ିବ, ଯେଉଁଥିରେ ସ୍ଥାନୀୟ ସମ୍ବଳ ଉପରେ ଅଧିକ ଜୋର୍ ଦିଆଯିବ । ବୈଜ୍ଞାନିକ ଢଙ୍ଗରେ ମାଟି ଓ ପାଣିର ଉଚିତ ବ୍ୟବହାର ହେବା ଦରକାର । ସାମୂହିକ ଚାଷ ପ୍ରଣାଳୀ ଆମକୁ ବାଛିବାକୁ ହେବ । ଏ ପ୍ରକାର ଅଦଳ ବଦଳ ଆଗରୁ ପ୍ରଥମ କାମ ହେଉଛି ଉପଯୁକ୍ତ ଜମି ବଣ୍ଟନ । ଲୋକଙ୍କ କିଣିବା ଶକ୍ତି ବଢ଼ାଇବା ପାଇଁ ଏହା ଏକମାତ୍ର ରାସ୍ତା । ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଏବେକାର କାରିଗରୀ ଢାଞ୍ଚାକୁ ଠିକ୍ ଭାବେ ବ୍ୟବହାର କରିବା ନିହାତି ଜରୁରୀ । ଦେଶ ଭିତରେ ବଜାରରେ ଜିନିଷର ଚାହିଦା ବଢ଼ାଇବାକୁ ହେବ, ଲୋକଙ୍କ ଦକ୍ଷତା ବଢ଼ାଇବାକୁ ହେବ, ସରକାରୀ ଉଦ୍ୟୋଗର ଦକ୍ଷତା ବଢ଼ାଇବାକୁ ହେବ ଓ କାରିଗରୀ କୌଶଳର ମାନ ବି ବଢ଼ାଇବାକୁ ହେବ । କୌଣସି ବହୁଦେଶୀୟ କମ୍ପାନୀ ବା ବିଦେଶୀ କାରିଗରୀ କୌଶଳକୁ ଭାରତର ଅର୍ଥନୀତିରେ ମୁଣ୍ଡ ପୂରାଇବାକୁ ସୁଯୋଗ ଦିଆଯିବ ନାହିଁ । ଯଦି ବି କୌଣସି ଅନୁମତି ଦିଆଯାଏ, ତେବେ ଦେଖାଯିବ ଯେପରି ଏହାଦ୍ୱାରା ଆମ ଦେଶୀ

Digitized by srujanika@gmail.com

ଉତ୍ପାଦନ କିଛି ବି ବାଧା ପାଇବ ନାହିଁ ଓ ଆମ କାରିଗରୀ ଉନ୍ନତି ହେବ । ଏଗୁଡ଼ିକ ହେଲେ ହିଁ ଆମେ ଆତ୍ମନିର୍ଭରଶୀଳ ହୋଇ ପାରିବା ।

ପ୍ରଶାସନ ଓ ବିକାଶ ଗତିବିଧିର ବିକେନ୍ଦ୍ରୀକରଣ ଦ୍ୱାରା ହିଁ ଦେଶ ନିଜ ଗୋଡ଼ରେ ଠିଆ ହୋଇପାରିବ । ଏଥିପାଇଁ ଦେଶ ଭିତରେ ରାଜ୍ୟ, ରାଜ୍ୟ ଭିତରେ ଜିଲ୍ଲା ଓ ପଞ୍ଚାୟତଗୁଡ଼ିକୁ ଅଧିକ ସ୍ୱାଧୀନତା ଦେବାକୁ ହେବ । ଯେଉଁ କାମ ସ୍ଥାନୀୟ ଉଦ୍ୟମରେ ହୋଇପାରିବ, ତାହା ତାକୁ ଛାଡ଼ି ଦିଆଯାଉ ।

ଏହି ପଦକ୍ଷେପଗୁଡ଼ିକ ଛଡ଼ା ଗୋଟିଏ ମୌଳିକ ଯୋଜନା ବି ଘୋଷଣା କରିବାକୁ ହେବ, ଯେମିତି ସମସ୍ତଙ୍କୁ ଖାଦ୍ୟ, ପୋଷାକ ଓ ଘର ମିଳିପାରିବ । ଏଥିପାଇଁ ସମସ୍ତଙ୍କୁ କାମ ଯୋଗାଇ ଦେବାକୁ ପଡ଼ିବ ଓ ସାଧାରଣ ବଣ୍ଟନକୁ ଦକ୍ଷ ଭାବରେ କରିବାକୁ ହେବ । ନିରକ୍ଷରତାକୁ ହଟାଇବାକୁ ହେବ ଓ ସମସ୍ତଙ୍କ ପାଇଁ ପିଇବା ପାଣି ଓ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରିବାକୁ ହେବ । ଜୀବନଧାରଣର ମାନ ବଢ଼ିଲେ ପରିବାର ନିୟୋଜନ କାର୍ଯ୍ୟକ୍ରମଗୁଡ଼ିକ ବି ସଫଳ ହୋଇପାରିବ ।

ଆମର ଏହି ମତାମତଗୁଡ଼ିକ ପୂରା ଅସ୍ପଷ୍ଟ ଓ ସଂକ୍ଷିପ୍ତ । କିନ୍ତୁ ଆମେ ଯାହା ବାର୍ତ୍ତା ଦେବାକୁ ଚାହୁଁଛୁ ତାହା ପରିଷ୍କାର- ଆଇ.ଏମ୍.ଏଫ୍. ଦ୍ୱାରା ଦେଖାଯାଉଥିବା ରାସ୍ତା ଛଡ଼ା ଆଉ ଏକ ରାସ୍ତା ବି ଅଛି । ଆମର ବିକଳ୍ପ ପ୍ୟାକେଜ୍‌ରେ ଅଛି ବୈଦେଶିକ ମୁଦ୍ରା ବିନିମୟ ସଙ୍କଟକୁ ସୁଧାରିବା ପାଇଁ ବିଭିନ୍ନ ପନ୍ଥା, ସରକାରଙ୍କ କମାଇବା ବ୍ୟବସ୍ଥା, ସ୍ୱାବଲମ୍ବୀ ଚାଷ ଓ ଶିଳ୍ପ ପାଇଁ ପୁନର୍ବିନ୍ୟାସ୍, ବିକେନ୍ଦ୍ରୀକୃତ ରାଜନୈତିକ ପଦ୍ଧତି ଓ ମୌଳିକ ଆବଶ୍ୟକତା ପୂରଣ ପାଇଁ ସାମୂହିକ ଉଦ୍ୟମ । ଆଇ.ଏମ୍.ଏଫ୍./ ବିଶ୍ୱବ୍ୟାଙ୍କ୍ ଭାରତର ବନ୍ଧୁତ୍ୱ କମାଇଦେବା ପାଇଁ ଚାହୁଁଛି । କିନ୍ତୁ ଆମେ ଚାହୁଁଛୁ, ଭାରତର ଏକ ସ୍ୱାବଲମ୍ବୀ ବିକାଶ ଓ ଲୋକଙ୍କର ଜୀବନଧାରଣର ମାନର ଉନ୍ନତି ।

Digitized by srujanika@gmail.com